Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 251
Thursday, 19 November 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୯ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ପୁଣ୍ଡା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ବଦଳିଲା ଟ୍ରାକ୍, ଓଡ଼ିଶା ମୁହାଁ ବାତ୍ୟା ଅକଓ୍ୱାନ



ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ମାସକ ତିରରେ ଅସୁଛି ତୃତୀୟ ବାତ୍ୟା । ଖାଲି ଆସୁନି ତ ଓଡ଼ିଶା ମୁହାଁ ହୋଇଛି । ୧୨ ଘଂଟା ତଳେ ଓଡ଼ିଶାର ମାଲକାନଗିରିକୁ ଚାପ୍ ହୁଇଁ ଯିବ କୂଯାଯାଉଥିବା ବାତ୍ୟା ଅକଓ୍ୱାନ୍ ଏବେ ଓଡ଼ିଶାର ମଟିରେ ପ୍ରବେଶ କରିବ । ଭାରତୀୟ ପାଣିପାଗ ବିଭାଗର ସର୍ବାଧମ ସୂଚନା ଅନୁସାରେ, ବ୍ୟାଖଫଲ୍ ବେଳେ ଗଞ୍ଜାମ-ଗଜପତି ଜିଲ୍ଲା ଦେଇ ଆରକୁ ବଢ଼ିବ । ସ୍ଥଳଭାଗ ହୁଇଁବା ବେଳେ ୧୦୦ କିଲୋମିଟର ଯାଏଁ ଯାଇପାରେ ପବନର ଗତି, ତାସହ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ଉପକୂଳ ସହ ଅଧା ରାଜ୍ୟକୁ ଜାରି ହୋଇଛି ସତର୍କ ସୂଚନା । ଆଜୁ ଯାଇଥିଲା, ଓଡ଼ିଶାକୁ ପୁଏଁଇଲା । ୧୨ ଘଂଟାରେ ନିଜ ରୂପ, ନିଜ ବାଟ, ନିଜ ସ୍ପିଡି ବଦଳାଇଛି ବାତ୍ୟା ଅକଓ୍ୱାନ । ବିଶାଖାପାଟଣା ତଳକୁ ବୁଡ଼ି ଉପରକୁ ଅଆଁଚ ଦକ୍ଷିଣ ଓଡ଼ିଶା ମୁହାଁ ବାତ୍ୟା । ଜ୍ୟାଖଫଲ୍ କରିବ ବି ସେମିତି କିଛି । ଯେ ପୁରତି ମ୍ୟାପ୍‌କୁ ଉଲ ଲାଉଡ ଦେଖନ୍ତୁ, ଗତକାଲି ଗାଡିରେ ଏମିତି ଥିଲା ଆଉ ଆଜି ଅପରାହ୍ନ ହେଉ ହେଉ ବାଟ ବଦଳାଇଛି । କଳିଙ୍ଗପତ୍ତନମ୍ ରୁ ଗୋପାଳପୁର ମିତରେ ଏପରିକି ଦକ୍ଷିଣ ଓଡ଼ିଶାରୁ ଉତର ଆନ୍ଧ୍ରରେ ସ୍ଥଳ ଲାଗ ଅକଓ୍ୱାନ୍ ଛୁଇଁପାରେ ଦୋଲି ପୂର୍ବାନୁମାନ କରିଛି ଲାଉଡାୟ ପାଣିପାଗ ବିଭାଗ । ଆଉ ଗଜପତି ଜିଲ୍ଲା ହେଇ ଅଧା ଓଡ଼ିଶା ଦେଇ ଗତି କରିପାରେ । ଲାଖଣ୍ଡ ବାତ୍ୟାର ରୂପ ନେଇ ସ୍ଥଳଭାଗ ଛୁଇଁବା ବେଳେ ଏ ବାତ୍ୟାରେ ପରିଣତ ହୋଇପାରେ । ଆଉ ଆଗକୁ ଯେତେ ବଢ଼ିବ ସେତେ ଦୁର୍ବଳ ହେବ । କିନ୍ତୁ ବାତ୍ୟାର ବଳୟ ଗଜପତି ଜିଲ୍ଲାରୁ ଗଂଜାମ ଓ ପୁରୀ ଜିଲ୍ଲା ଯାଏଁ ରହୁଛି । ଆଗକୁ ବଢ଼ିଲା ବେଳେ ଜଳମାନ ହୋଇ ସମ୍ବଲପୁରରେ ପହଂଚିଲା ବେଳେ ଅପାପାତେ ପରିଣତ ହେବ । ଚିନ୍ତା ଏଥିପାଇଁ ବଢ଼ିଛି ଯେ ଯେଉଁ ବାତ୍ୟା ମାଲକାନଗିରିକୁ ଛୁଇଁ ଯିବା ନେଇ ପୂର୍ବାନୁମାନ ହେଉଥିଲା ଗାଡିକ ତିରରେ ପ୍ରାୟ ୩୦୦ କିଲୋମିଟର ନିଜ ଗତିପଥ ପରିବର୍ତ୍ତନ କରିଛି । ଅହୁରି ବି ଗତିପଥ ପରିବର୍ତ୍ତନ କରିପାରେ । ବେଶ୍ ଧ୍ୟାନ ଗତିରେ ବଢ଼ୁଛି ଏପରିକି ୩ରୁ ୭ କିଲୋମିଟର୍ ବେଗରେ ଆଉଛି, ବେଳେ ବେଳେ ଅଟକି ବି ଯାଉଛି । ତେଣୁ ଆକଳନ କରିବା, ପୂର୍ବାନୁମାନ କରିବା ଏତେଟା ସହଜ ହେଉନି । କିନ୍ତୁ ଆଖୁସ୍ପିକର ଉତର ଏୟା କି ବାତ୍ୟା ହୋଇ ସମ୍ବଲପୁରରେ ପହଂଚିଲା ବେଳେ ଜ୍ୟାଖଫଲ୍ ବେଳେ ସର୍ବାଧିକ ୧୦୦ କିଲୋମିଟର୍ ପବନ ବେଗ ରହିପାରେ । ପବନର ବେଗ ନତବ୍ଡିବାରୁ ଶୟକ୍ଷତି କମ ହେବ ବୋଲି ଅନୁମାନ କରାଯାଇଛି । ବାତ୍ୟା ସମ୍ଭାବନା ପରେ ଯେ ହେଉଛି ଗଂଜାମରୁ ପୁରୀ ଜିଲ୍ଲା ଯାଏଁ ସତର୍କତା । (ମାଲକାନଗିରି ଯୋଷଣାର ଜିଲ୍ଲାଆଇ) । ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି, ସ୍ଥାନୀୟ ଲୋକଙ୍କୁ ପ୍ରଶାସନ ସଜାଗ କରିଛି । ଆସନ୍ତାକାଲି ଓ ୨୦ ତାରିଖ ବିଶେଷ ଭାବେ ଧ୍ୟାନ ଦେବାକୁ ପଡ଼ିବ । ୧୯ ତାରିଖ ପାଇଁ ଗଂଜାମ, ଗଜପତି, କନ୍ଧମାଳ ସମେତ ପୁରୀ, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଭଳି ୩ ଉପକୂଳ ଜିଲ୍ଲାକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ମାଲକାନଗିରି, ରାୟଗଡ଼ା, କୋରାପୁଟ ବ୍ୟତିତ ଉତର ଓଡ଼ିଶାର ୭ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ଓ୍ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ । ତାସହ ୨୦ ତାରିଖରେ ଗଂଜାମ, ଗଜପତି, କନ୍ଧମାଳ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ସମେତ ୧୨ ଜିଲ୍ଲାକୁ ଅରେଞ୍ଜ ଏବଂ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ବାତ୍ୟା ଅର୍ଥର ମାଲକାନଗିରି ଦେଇ ଯିବା ନେଇ ପୂର୍ବାନୁମାନ ଥିଲା ଜିନ୍ତୁ ବର୍ତ୍ତମାନ ପରିମାଣ ଗଞ୍ଜାମ-ଗଜପତିରେ ବଢ଼ିଥିଲା । ଏଥର ଗଂଜାମ-ଗଜପତି ଦେଇ ଆରକୁ ବଢ଼ିବ ବାତ୍ୟା ଅକଓ୍ୱାନ୍ ।

ଶୀତ ଅଧିବେଶନ ଆରମ୍ଭରୁ ରାଜନୈତିକ ହଟ୍ଟଗୋଳ



ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ବିଜେଡି ସରକାରଙ୍କ ଦୋଷାରୋପ ପ୍ରସଙ୍ଗକୁ ନେଇ ଆଜି ଶୀତକାଳୀନ ବିଧାନସଭା ଅଧିବେଶନର ପ୍ରଥମ ଦିନରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ । ବିରୋଧୀଙ୍କ ହଙ୍ଗାମର ଦୁଇଦିନ ପରେ ଆଜି ଗୃହ ବିଜେପି ଏହାର ଜବାବ ରଖି, ଗୃହ ତଳାଇ ନବେଦାକୁ ବିରୋଧୀଙ୍କ ପ୍ରି ପ୍ଲାନ୍ ଚୋରି କହିଛି । ଏହି ଅଭିଯୋଗ ଆଉ ପୁଣି ଅଭିଯୋଗ ଉତରେ ଆଜି ନଷ୍ଟ ହୋଇଛି ଗୁରୁତ୍ୱପୂର୍ଣ୍ଣ ଶୀତ ଅଧିବେଶନର ପ୍ରଥମ ଦିନ । ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭରୁ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଆଜି ପ୍ରଥମ ଦିନରେ ବିରୋଧୀ ବିଜେଡି ଗଞ୍ଜାମ ବନ୍ୟା ପରିଚାଳନାକୁ ନେଇ ସରକାରଙ୍କୁ ଅଳନରେ ପକାଇଛି । ଶୋକ ପ୍ରସ୍ତାବ ପରେ ପରେ ସ୍ଲୋଗାନ୍ ଧରି ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ ବିଜେ ବିଧାୟକ । ଆଉ କଂଗ୍ରେସ ସଦସ୍ୟମାନେ ଜୋତିଅ ପ୍ରସଙ୍ଗ ଧରି ନାନାବାଟି କରିଥିଲେ । ସାଧାରଣରେ ବନ୍ଧାପ୍ରସୂତା ହୋଇଥିଲା ଗୃହ କାର୍ଯ୍ୟ । ଫଳରେ ବାତସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଛି । ଏହି ବିରାଟ ଉନ୍ନୟନ କମିସନର ଦେଖେଞ୍ଜନ ସିଂଙ୍କ ଆକାରେ । ଆଉ ବଜେଟର ଖର୍ଚ୍ଚ ସମୀକ୍ଷା ମଧ୍ୟ ତାଙ୍କ ହାତରେ ଅଛି । ହେଲେ ତାଙ୍କ ବିରାଗ ଖର୍ଚ୍ଚର ସବୁଠୁ ତଳେ । ସେହିପରି ସରକାରଙ୍କ ବିତଶାଳୀ ବିରାଗ ଶିକ୍ଷ, ଖଣି, ବଶାର ବିକାଶର ଖର୍ଚ୍ଚ ପ୍ରତର୍ଶନ ଆଖାନୁରୂପର ନୁହେଁ । କ୍ରୀଡ଼ା ବିରାଗ ମଧ୍ୟ ବହୁ ତଳେ ରହିଛି । ସେଥେଟେ ଏହାକୁ ନେଇ ଶାସକ ଦଳ କହିଛି, ଆର୍ଥିକ ବର୍ଷ ଶେଷ ପୁଣା ବଜେଟ ଖର୍ଚ୍ଚ ଟାର୍ଗେଟ ପୂରଣ କରିପାରିନଥିବା । ମୋହନ ସରକାରଙ୍କ ଆଉ କିଛି ଏଭଳି ବିରାଗ ବି ଅଛି, ଯାହାକ ବଜେଟ ଖର୍ଚ୍ଚ ଆଖିବୁଶିଆ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିରାଗର ଖର୍ଚ୍ଚ ୯୦ ପ୍ରତିଶତ ତପିଛି । ପରିବହନ ବିରାଗର ଖର୍ଚ୍ଚ ୫୯ ପ୍ରତିଶତ, ଆଇନ ବିରାଗର ଖର୍ଚ୍ଚ ୫୮ ପ୍ରତିଶତ ତପିଛି । ଆଉ ସେଥେଟେ ସରକାର ଖର୍ଚ୍ଚ କରିପାରୁ ନାନାନ୍ତି ବୋଲି ଜୋରଦାର ଟାର୍ଗେଟ କରିଛନ୍ତି ବିରୋଧୀ ।

ଓଡ଼ିଶାର ଚିଠା ସହରାଂଚଳ ପାର୍କିଂ ନୀତି

ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ ସୁରକ୍ଷିନିର୍ମାଣ ଓ ନଗର ଉନ୍ନୟନ ବିରାଗ ପକ୍ଷରୁ ନୂଆ ସହରାଂଚଳ ପାର୍କିଂ ନୀତି-୨୦୨୬ର ଚିଠା ପ୍ରକାଶ କରାଯାଇଛି । ଏହାକୁ ବିରାଗର ଅଫିସିଆଲ୍ ୱେବସାଇଟ୍ https://urban.odisha.gov.in/en ରେ ପ୍ରକାଶ କରାଯାଇଛି । ସହରାଂଚଳରେ ଯାନବାହନ ରିଡ୍ ସ୍ରାସ କରିବା, ଫୁଟପାଥକୁ ଅବରୋଧମୁକ୍ତ ରଖିବା ଏବଂ ରାସ୍ତାରେ ଯାତାୟାତକୁ ଅଧିକ ସୁଗମ କରିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ । ଏହି ନୀତି ଅନୁଯାୟୀ, ସହରାଂଚଳର ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ନିଜ ନିଜ ଅଂଚଳର ଆବଶ୍ୟକତା ଅନୁଯାୟୀ ପାର୍କିଂ ଯୋଜନା ପ୍ରସ୍ତୁତ କରିବେ । ଏଥିରେ ପାର୍କିଂ ଜୋନ୍ ଚିହ୍ନଟ, ଶୁଳ୍କ ନିର୍ଦ୍ଧାରଣ ଏବଂ ପାର୍କିଂ ନିୟମର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଛି । "ଜନ୍ତୁତ ପାର୍କିଂ ପରିଚାଳନା ଦ୍ୱାରା ପଦଚାରୀଙ୍କ ଯାତାୟାତ ଅଧିକ ସୁରକ୍ଷିତ ହେବା ସହ ଯାନବାହନ ଚାଳକମାନଙ୍କୁ ପାର୍କିଂ ସ୍ଥାନ ଖୋଜିବାରେ ଲାଗୁଥିବା ସମୟ ହ୍ରାସ ପାଇବ ଏବଂ ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରୀ ଅଧିକ ସହଜ ହେବ । ଓଡ଼ିଶାର ସହରଗୁଡ଼ିକର ବିକାଶ ସହିତ ପାର୍କିଂ ସ୍ଥାନ ସମ୍ପର୍କିତ ତ୍ରୁଟର ସୂଚନା ଲୋକଙ୍କୁ ଯାତ୍ରା ଯୋଜନା କରିବାରେ ସାହାଯ୍ୟ କରିବ । ଏହା ସହିତ ପୌର ସଂସ୍ଥାଗୁଡ଼ିକ ମଧ୍ୟ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ପାର୍କିଂ ବ୍ୟବସ୍ଥାରେ ପରିବର୍ତନ ଆଣିପାରିବେ । ପାର୍କ-ଆଣ୍ଡ-ରାଇଡ୍ ସୁବିଧା ଏବଂ ଦୈତ୍ୟୁତିକ ଯାନ ପାଇଁ ଚାର୍ଜିଂ ବ୍ୟବସ୍ଥା ଆଗାମୀ ଦିନରେ ଆମ ସହରଗୁଡ଼ିକର ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁବିଧାଜନକ କରିବ । ଟିପା ନୀତି ଅନୁଯାୟୀ, ସ୍ଥାନ, ଚାହିଦା ଏବଂ ପାର୍କିଂ ଅବଧି ଅନୁସାରେ ଶୁଳ୍କ ଧାର୍ଯ୍ୟ କରାଯିବ । ଲୋକମାନେ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖିବା ପରିବର୍ତ୍ତେ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ବ୍ୟବହାର କରିବା ପାଇଁ ରାସ୍ତା ବାହାରେ ଥିବା ପାର୍କିଂ ସ୍ଥାନର ଶୁଳ୍କ ୨୫ ପ୍ରତିଶତ କମ୍ ରଖିବାକୁ ପ୍ରସ୍ତାବ ରହିଛି । ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ଲୋକମାନେ ପାର୍କିଂ ସ୍ଥାନ ଖାଲି ଅଛି କି ନାହିଁ ଜାଣିବା, ଆଗୁଆ ସ୍ଥାନ ବୁକ୍ କରିବା ଏବଂ ନଗଦ ଟଙ୍କା ବଦଳରେ ଅନଲାଇନ୍‌ରେ ଶୁଳ୍କ ପେମେଣ୍ଟ କରିପାରିବେ ।

ବିଧାନସଭାରେ ଅତିରିକ୍ତ ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ଅତିରିକ୍ତ ବଜେଟରେ ଘଂଟାୟର, ମୌଳ ନିର୍ବାଚନର ହୁକ । ଗାଁ ଓ ସହର ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଅତିରିକ୍ତ ବଜେଟର ଉଦ୍ଧାର ଖୋଲିଥିଲେ ସରକାର । ୨୪ ହଜାର ୧୫୦ କୋଟିରେ ପହଂଚିବା ଅତିରିକ୍ତ ବଜେଟ୍ । ବ୍ୟୟବରାଦ ହେଉଛି କିନ୍ତୁ ଆଶାନୁରୂପର ଖର୍ଚ୍ଚ ହେଉ ନାହିଁ । ପ୍ରଶ୍ନ ଉଠିଛି, ବାଜାଗର ବେଳେ ବାଜଗଣ ଘୁଆ ଭଳି ଏବେ ଖର୍ଚ୍ଚ ନକରି ଆର୍ଥିକ ବର୍ଷ ଶେଷ ଭାଗରେ ଟାର୍ଗେଟ୍ ପୂରଣ ପାଇଁ ମନଇଚ୍ଛା ଖର୍ଚ୍ଚ କରିବେ କି ବାବୁ ? ଗୃହରେ ୨୪ ହଜାର ୧୫୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଉ ବଜେଟର ଆକାର ପ୍ରାୟ ୩ ଲକ୍ଷ ୩୪ ହଜାର କୋଟି ତପିଛି । ବିଭିନ୍ନ ବିରାଗକୁ ଶକ୍ତିଶାଳୀ କରିବା ପାଇଁ ସରକାର ରାସ୍ତାର ଖୋଲି ଦେଇଛନ୍ତି । ହେଲେ ପୂର୍ବାଗ୍ୱର୍ କିଛି ଅଧିକାରୀଙ୍କ ମନମାନି ଓ ଖାମଖିଆଲି ଯୋଗୁଁ ଖର୍ଚ୍ଚ କରିଛି । ଏହି ବିରାଗ ଉନ୍ନୟନ କମିସନର ଦେଖେଞ୍ଜନ ସିଂଙ୍କ ଆକାରେ । ଆଉ ବଜେଟର ଖର୍ଚ୍ଚ ସମୀକ୍ଷା ମଧ୍ୟ ତାଙ୍କ ହାତରେ ଅଛି । ହେଲେ ତାଙ୍କ ବିରାଗ ଖର୍ଚ୍ଚର ସବୁଠୁ ତଳେ । ସେହିପରି ସରକାରଙ୍କ ବିତଶାଳୀ ବିରାଗ ଶିକ୍ଷ, ଖଣି, ବଶାର ବିକାଶର ଖର୍ଚ୍ଚ ପ୍ରତର୍ଶନ ଆଖାନୁରୂପର ନୁହେଁ । କ୍ରୀଡ଼ା ବିରାଗ ମଧ୍ୟ ବହୁ ତଳେ ରହିଛି । ସେଥେଟେ ଏହାକୁ ନେଇ ଶାସକ ଦଳ କହିଛି, ଆର୍ଥିକ ବର୍ଷ ଶେଷ ପୁଣା ବଜେଟ ଖର୍ଚ୍ଚ ଟାର୍ଗେଟ ପୂରଣ କରିପାରିନଥିବା । ମୋହନ ସରକାରଙ୍କ ଆଉ କିଛି ଏଭଳି ବିରାଗ ବି ଅଛି, ଯାହାକ ବଜେଟ ଖର୍ଚ୍ଚ ଆଖିବୁଶିଆ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିରାଗର ଖର୍ଚ୍ଚ ୯୦ ପ୍ରତିଶତ ତପିଛି । ପରିବହନ ବିରାଗର ଖର୍ଚ୍ଚ ୫୯ ପ୍ରତିଶତ, ଆଇନ ବିରାଗର ଖର୍ଚ୍ଚ ୫୮ ପ୍ରତିଶତ ତପିଛି । ଆଉ ସେଥେଟେ ସରକାର ଖର୍ଚ୍ଚ କରିପାରୁ ନାନାନ୍ତି ବୋଲି ଜୋରଦାର ଟାର୍ଗେଟ କରିଛନ୍ତି ବିରୋଧୀ ।

ବାତ୍ୟା 'ଅକଓ୍ୱାନ୍'କୁ ନେଇ ଉପକୂଳ ଜିଲ୍ଲାରେ ହାଇଆଲର୍ଟ



ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଅକଓ୍ୱାନ୍' ଏବେ ଭୀଷଣ ରୂପ ନେଇ ଓଡ଼ିଶା ଉପକୂଳ ଆଡ଼େ ଗୁହାଁଇଛି । ୨୦ତାରିଖ ମଧ୍ୟାହ୍ନ ସୁଦ୍ଧା ଉତର ଆନ୍ଧ୍ରପ୍ରଦେଶର ନରସାପୁର ଓ ପୁରୀ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ଆଶଙ୍କା ରହିଛି । ଏହି ସାମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଜ୍ୟର ସବୁ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିର କରାଯିବା ସହ ପରିସ୍ଥିତି ଉପରେ ୨୪ ଘଂଟିଆ ତୀକ୍ଷ୍ଣ ନଜର ରଖିବା ପାଇଁ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରର କଣ୍ଟ୍ରୋଲ୍ ରୁମ୍ ସକ୍ରିୟତ୍ୱରେ ୧୦ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଏହାସହିତ ୭ଟି ନିୟୋଜିତ କରାଯାଇଛି । ଏହାସହିତ ୭ଟି ଜିଲ୍ଲାରେ ସ୍କୁଲ ଓ ଅଙ୍ଗନୱାଡ଼ି ଛୁଟି ଘୋଷଣା କରାଯାଇଥିବାବେଳେ ନଦୀତଟ, ସ୍ୱାସ୍ଥ୍ୟସେବା, ଗମନାଗମନ ଓ ଭୂତଳକ ଉପରେ ନଜର ରଖିବା ପାଇଁ ବିଭିନ୍ନ ବିରାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ୧୩୧ଟି ଟିମ୍ ବିଭିନ୍ନ ଜିଲ୍ଲାରେ ମୁତୟନ ହୋଇଛନ୍ତି । ୪ଜଣ ଆଇଏଏସ୍‌ଙ୍କୁ କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଜପତି ଜିଲ୍ଲାରେ ମୁତୟନ କରାଯାଇଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ଭୀଷଣ ବାତ୍ୟା 'ଅକଓ୍ୱାନ୍,' ଘଂଟାପ୍ରତି ୮ କିମି ବେଗରେ ଉତର-ଉତରପଶ୍ଚିମ ଦିଗରେ ଗତି କରୁଛି । ଆଜି ସନ୍ଧ୍ୟା ୫ଟା ୩୦ ସୁଦ୍ଧା ଏହା ଆନ୍ଧ୍ରପ୍ରଦେଶର ନରସାପୁରଠାରୁ ୫୦୦ କିମି ଦକ୍ଷିଣ-ପୂର୍ବ, କଳିଙ୍ଗପତ୍ତନମ୍‌ଠାରୁ ୫୪୦ କିମି ଦକ୍ଷିଣ-ଦକ୍ଷିଣପୂର୍ବ, ଚେନ୍ନାଇଠାରୁ ୫୬୦ କିମି ପୂର୍ବ, ଓଡ଼ିଶାର ଗୋପାଳପୁରଠାରୁ ୬୩୦ କିମି ଦକ୍ଷିଣ ଓ ପୁରୀଠାରୁ ୬୯୦ କିମି ଦକ୍ଷିଣରେ କେନ୍ଦ୍ରୀଭୂତ ରହିଛି । ବାତ୍ୟା ଯୋଗୁଁ ଦକ୍ଷିଣଓଡ଼ିଶା ଉପକୂଳରେ ୧୯ ତାରିଖ ସକାଳୁ ପବନର ବେଗ ଘଂଟାପ୍ରତି ୭୦ରୁ ୨୦ କିମି ଗତିରେ ସହ ୧୯ ତାରିଖ ପରଠାରୁ ୨୦ ତାରିଖ ମଧ୍ୟରୁ ବ୍ୟାପ୍ତ ପାର୍ଥାନ୍ତ ଘଂଟାପ୍ରତି ୯୦ରୁ ୧୧୦ କିମି ବେଗରେ ଝଡ଼ପବନ ବୋହିବାର ସମ୍ଭାବନା ରହିଛି ।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ପ୍ରଜ୍ଞା ପ୍ରେରଣା' କର୍ମଶାଳା



ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ଉଚ୍ଚଶିକ୍ଷା ବିଭାଗ ଅନୁକୂଳ୍ୟରେ 'ପ୍ରଜ୍ଞା ପ୍ରେରଣା : ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ଓ କାର୍ଯ୍ୟନ୍ୱୟନ କର୍ମଶାଳା'ର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଦେଶର ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟର ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପିଜି କାଉନସିର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇଥିଲେ । କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ, ଆମ ସରକାର ଆସିବା ପରେ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ପ୍ରଣୟନ କରାଯାଇଛି । ଜାତୀୟ ଶିକ୍ଷା ନୀତି ଆଧାରରେ ସ୍ନାତକ ପାଠ୍ୟକ୍ରମରେ Multiple Entry & Exit ବ୍ୟବସ୍ଥା ରହିବା ସହ ପାଠ୍ୟକ୍ରମକୁ Multidisciplinary କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି । ସ୍ନାତକ ପାଠ୍ୟକ୍ରମରେ Value Added Course, Skill Enhancement Course ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏଥିସହ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ୧ ଲକ୍ଷ ୬୦ ହଜାର ୭୦୨ ଜଣ ଛାତ୍ରଛାତ୍ରୀମାନଙ୍କୁ ଇଂଟର୍ନସିପ୍ ସୁଯୋଗ ପ୍ରଦାନ କରାଯାଇଛି । ରାଜ୍ୟରେ ପ୍ରଥମ ଥର ପାଇଁ ରାଜ୍ୟ ସ୍ତରୀୟ ନବ ସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତାର ଆୟୋଜନ କରାଯାଇ ରାଜ୍ୟ ସ୍ତରରେ ଶ୍ରେଷ୍ଠତା ହାସଲ କରିଥିବା ୧୦ ଟି ପ୍ରକଳ୍ପକୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଛି । ରାଜ୍ୟରେ ଏକ ସମାବେଶୀ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ 'ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ଲକ୍ଷ୍ୟ ନେଇ କାର୍ଯ୍ୟ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି । ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଣୟନ, ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଏବଂ ଏକ ଗୁଣାତ୍ମକ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଆବଶ୍ୟକ ରହୁଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଜିର କର୍ମଶାଳାରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

ସେଠୋ ଆରମ୍ଭ
SEITHO ARAMBHA
ଗୁରୁବାର, ୧୯ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସରକାରୀ କର୍ମଚାରୀଙ୍କ ପାଇଁ ଖୁସିର ମାହୋଲ ସୃଷ୍ଟି କରିଛି ମୁଖ୍ୟମନ୍ତ୍ରୀଙ୍କ ମହଙ୍ଗା ଭତା ବୃଦ୍ଧି ନିଷ୍ପତ୍ତି: ଡଃ ତପନ ଚାନ୍ଦ

ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ଦରଦାମ ବୃଦ୍ଧି ଅର୍ଥନୀତିର ଏକ ନିଚ୍ଛକ ବାସ୍ତବତା। ସମ୍ପତ୍ତି ଭୁ-ରାଜନୈତିକ ଅସ୍ଥିରତା, ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ସୁଦୃଢ ଦାତାଦରର ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଭିନ୍ନ ନିଷ୍ପତ୍ତି ସମଗ୍ର ବିଶ୍ୱରେ ଦରଦାମ ଉପରେ ପ୍ରଭଶ୍ ପ୍ରଭାବ ପକାଇଛି। ମୁଖ୍ୟତଃ ତେବ ତଥା ତେଜିଜାତ ଦ୍ରବ୍ୟର ପରିବହନ ଓ ଯୋଗାଣ କ୍ଷେତ୍ରରେ ବିଘ୍ନାତ ଦରଦାମ ବୃଦ୍ଧି ସହ ଖାଉଟିଙ୍କ ଉପରେ ସିଧାସଳଖ ଚାପ ପକାଇଛି ବୋଲି ଏକ ପ୍ରେସ୍ ବିବୃତି କରିଥାରେ ରାଜ୍ୟ ମୁଖପାତ୍ର ଡଃ ତପନ ଚାନ୍ଦ କହିଛନ୍ତି। ଖୁଚୁରା ମୂଲ୍ୟ ସୂଚକାଙ୍କ ଆରବିଆଇର ନିର୍ଦ୍ଧାରିତ ୬ ପ୍ରତିଶତ ସୀମାକୁ ଅତିକ୍ରମ କ ରି ଥି ବ। ପରିପ୍ରେକ୍ଷୀରେ ଓଡ଼ିଶାର ମୋହନ ମାଝୀ ସରକାରଙ୍କ ପକ୍ଷରୁ ମହଙ୍ଗା ଭତାରେ ଏହି ବୃଦ୍ଧି ନିଷ୍ପତ୍ତି ସମସ୍ତ ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀ ମାନଙ୍କ ପାଇଁ ମଧ୍ୟ ଦିଆଯାଇଛି। ଫଳରେ ଏହା ୬୩ ପ୍ରତିଶତ ମହଙ୍ଗା ଭତା ବୃଦ୍ଧି ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ପିଛିଲା ରାତାରେ ଲାଗୁ ହେବ। ବର୍ଦ୍ଧିତ ମହଙ୍ଗା ଭତା ଚଳିତ ନଭେମ୍ବର ମାସର ଦରମା ସହିତ ନଗଦ ଆକାରରେ ପ୍ରଦାନ କରାଯିବ। ଏହି ମହଙ୍ଗା ଭତା ବୃଦ୍ଧି ଦ୍ୱାରା ରାଜ୍ୟର ପ୍ରାୟ ୩୩ ପ୍ରତିଶତରୁ ବୃଦ୍ଧି ପାଇ ୬୩ ପ୍ରତିଶତରେ ପହଁଚିଛି। ଏଥା ସରକାରୀ କର୍ମଚାରୀ ମହଲରେ ଖୁସି ଓ ଆନନ୍ଦର ଲହରୀ ସୃଷ୍ଟି କରିଛି ବୋଲି ଉକ୍ତ ତପନ ଚାନ୍ଦ କହିଛନ୍ତି। ବର୍ତ୍ତମାନ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ସହିତ ପୂର୍ବତନ କର୍ମଚାରୀ ତଥା ପେନ୍‌ସନ୍‌ଭୋଗୀ ମାନଙ୍କ ପାଇଁ ମଧ୍ୟ ଏହା ଲାଭଦାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଉକ୍ତ ତପନ ଚାନ୍ଦ।



ଖଣ୍ଡପଡ଼ାରେ ଶିଶୁ ଲିଙ୍ଗ ଅନୁପାତ ହ୍ରାସ ନେଇ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ

ଖଣ୍ଡପଡ଼ା, ୧୮/୧୧ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ସମ୍ବିଳନୀ କକ୍ଷରେ ଶିଶୁ ଲିଙ୍ଗ ଅନୁପାତ ହ୍ରାସ ସମ୍ପର୍କିତ ଏକ ବ୍ଲକସ୍ତରୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଡ଼ିଓ ଅଜୁର ଅଜିକାଷ, ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ଝାଡେଶ୍ୱର ଦାଶ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦୃପ୍ତି ମହାପାତ୍ର, ଗଣିଆ ଉନ୍ନୟନ କମିଟି ସଭାପତି ଉଷା ପଟ୍ଟନାୟକ, ଶିଶୁ ସୁରକ୍ଷା କମିଟି ଅଧକ୍ଷ ଲାମାଞ୍ଚ ପ୍ରସାଦ ଦାଶ, ହରିଜନ ଆଦିବାସୀ ମଙ୍ଗଳ ସମିତି ସମ୍ପାଦକ ତା. ବିଜୟ କୁମାର ମହାପାତ୍ର ଓ ମୈତ୍ରୀ ଯୁବ ସଂଘର ସଭାପତି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖଣ୍ଡପଡ଼ା ବ୍ଲକ ଅଂଚଳରେ କାର୍ଯ୍ୟରତ ବିଭିନ୍ନ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀ କର୍ମଶାଳାରେ ଉପସ୍ଥିତ ଥିଲେ। କନ୍ୟା ଶିଶୁଙ୍କ ପ୍ରତି ଯେଉଭାବ, ଗର୍ଭରେ ଲିଙ୍ଗ ନିରୁପଣ, ବାଲ୍ୟ ବିବାହ, ଗର୍ଭବତୀ ମା' ଙ୍କ ଯତ୍ନ ଓ ପୋଷଣ, ଡେଡି ବଚାଓ, ବେଟି ପଢ଼ାଓ ଯୋଜନା ସଂପର୍କରେ ବିସ୍ତୃତ ଭାବେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଝିଅ ଓ ପୁଅ ମଧ୍ୟରେ ଭେଦ ଭାବ ଦୂର କରିବା ଦିଗରେ ଅଙ୍ଗନୱାଡ଼ି ଓ ଆଶା କର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମ୍ପ୍ରତି ସେମାନେ ସଚେତନ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବିଡିଓ ମତ ଦେଇ ଥିଲେ। ସେହିପରି ଗର୍ଭବତୀ ମା' ମାନଙ୍କର ଟାଳାକରଣ ଓ ପୋଷଣ ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ସିଡିପିଓ ଗୁରୁତ୍ୱାରୋପ କରିଥିଲେ। ସେହିପରି କନ୍ୟା ଶିଶୁମାନଙ୍କୁ ବଂଚାଇବା ଓ ପଢାଇବା ନିମନ୍ତେ କର୍ମଶାଳାରେ ଉପସ୍ଥିତ ଅତିଥି, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ପ୍ରମୁଖ ସମବେତ ଭାବେ ଶପଥ ପାଠ କରିଥିବା ବେଳେ ସମସ୍ତର ଏଂପାକ୍ଟ ଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଭକ୍ତିମୟ ପରିବେଶରେ ଅଁଳା ନବମୀ ପାଳିତ : ପାଦପଦ୍ମ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼

ବାଲିଗୁଡ଼ା, ୧୮/୧୧ (ଆ.ପ୍ର) : ପବିତ୍ର ଅଁଳା ନବମୀ ଅବସରରେ ଗଞ୍ଜାମ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅତ୍ୟନ୍ତ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଛି ଅଁଳା ନବମୀ ପାବଣ। ଏହି ପବିତ୍ର ତିଥିରେ ମା' ରାଧାରାଣୀ ଦୂର୍ଲଭ ଓଡ଼ିଆଣୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଭକ୍ତଙ୍କର ପ୍ରବଳ ସମାଗମ ହୋଇଥିଲା। ପରମ୍ପରା ଓ ଧାର୍ମିକ ବିଶ୍ୱାସ ଅନୁଯାୟୀ ଅଁଳା ନବମୀ ଦିନ ମା' ରାଧାରାଣୀଙ୍କ ଏହି ଦୁର୍ଲଭ ଓଡ଼ିଆଣୀ ବେଶର ବିଶେଷ ମହତ୍ୱ ରହିଛି। ଦର୍ଶନ ଏହି ବିଶେଷ ଦିବସରେ ମା'ଙ୍କ



ପାଦପଦ୍ମ ଦର୍ଶନ କରିବାର ସୁଯୋଗ ମିଳିଥାଏ। ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା। ସକାଳୁ ମନ୍ଦିରରେ ଭକ୍ତଙ୍କ ଆଗମନ ଆରମ୍ଭ ହୋଇଥିବା ବେଳେ ଦର୍ଶନ ପାଇଁ ଭକ୍ତମାନେ ଲାଢଦିନ୍ଦୁନ ଲାଢଦିନ୍ଦୁନ ହୋଇପଡ଼ିଥିଲେ। ଘଂଟ, ଘଂଟା, ଶଙ୍ଖ ଧ୍ୱନି ଓ ହରିବୋଲ ହୁଳହୁଳିରେ ମନ୍ଦିର ପରିସର ଉତ୍ସିମୟ ହୋଇଉଠିଥିଲା। ଅଁଳା ନବମୀ ଉପଲକ୍ଷେ ଗଞ୍ଜାମ ଜିଲ୍ଲା ସହରରେ ଏକ ମାଧ୍ୟାହ୍ନିକ ଓ ଧାର୍ମିକ ମାହୋଲ ସୃଷ୍ଟି ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କୁ ଉପସ୍ଥିତି ମନ୍ଦିର ପରିସରକୁ ଉତ୍ସବମୁଖର କରିଥିଲା।

କୀଟନାଶକ ଔଷଧ ପକେଇ ପାନ ବରଜ ନଷ୍ଟ କରିଦେଲା ଦୁର୍ବୃତ

ପାରାଦୀପ, ୧୮/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଜିଂକିଆ ପଂଚାୟତ ଅନ୍ତର୍ଗତ ତିରୋଳନପୁର ଅଂଚଳର ମାହାକ ଗହିର ନିକଟରେ ଜଣେ ପାନ ଚାଷୀଙ୍କ ପାନ ବରଜ ନଷ୍ଟ ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି। କୌଣସି ବ୍ୟକ୍ତି ଜାଣିଶୁଣି କୀଟନାଶକ କିମ୍ବା ଘାସମରା ଔଷଧ ପକେଇବା ଯୋଗୁଁ ପାନ ବରଜଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ଚାଷୀ ପରିବାର ଏବେ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଥିବାବେଳେ ଉପିପୁରଣ ଓ ନ୍ୟାୟ ପାଇଁ ଦାବି ହୋଇଛି। ସୂଚନା ଅନୁଯାୟୀ ତିରୋଳନପୁର ଗ୍ରାମର ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ କହିବା ଅନୁସାରେ ରବିବାର ସକାଳେ ଜହ୍ନେର ସେଠୀ ନାମକ ଜଣେ ବ୍ୟକ୍ତି ଫୋନ୍ କରି ତାଙ୍କ ପାନ ବରଜର ନଷ୍ଟ ହୋଇଯାଇଥିବା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ସେ ତୁରନ୍ତ ଘଟଣାସ୍ଥଳରେ ପହଁଚି ଦେଖିବା ପରେ ପାନ ବରଜରେ କୌଣସି କୀଟନାଶକ କିମ୍ବା ଘାସମରା ଔଷଧ ପ୍ରୟୋଗ ହୋଇଥିବା ସନ୍ଦେହ ହୁଙ୍କୁର ପର୍ଯ୍ୟନ୍ତ କୌଣସି ଅଧିକାରୀ ତଦନ୍ତ ପାଇଁ ପହଁଚିନଥିବା ପାନ ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ କହିବା ଅନୁଯାୟୀ ପାଢ଼ିତ ପରିବାରରେ ମୋଟ ୫ଟି ଜଣ ସଦସ୍ୟ ରହିଛନ୍ତି। ପାନ ବରଜ ହିଁ ପରିବାରର ମୁଖ୍ୟ ଜୀବିକା ଓ ଆୟର ଏକମାତ୍ର ଉତ୍ସ ଥିଲା। ବରଜରୁ ପାନ ଉତ୍ପାଦନ ହୋଇଥିବା ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ଆୟ ହୋଇଥାନ୍ତା ବୋଲି ଆହତଜନ କରାଯାଇଥିଲା। ଜିବୁ ପାନ ବରଜ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ପରିବାରର ଜୀବିକା ଏବେ ସଙ୍କଟରେ ପଡ଼ିଛି। ତେଣୁ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରନ୍ତୁ। ପାଢ଼ିତ ଚାଷୀ ପରିବାରକୁ ସରକାରୀ ସହାୟତା ସହ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା ସହିତ ଘଟଣାରେ ସେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନେବାକୁ ଅଂଚଳ ପାନ ଚାଷୀମାନେ ଦାବି କରିଛନ୍ତି।

ପାତ୍ରପୁର ବାଇପାସ୍ ରୋଡ୍‌ରେ ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ, ପୋଲିସର ତଦନ୍ତ ଜାରି

ପାତ୍ରପୁର, ୧୮/୧୧ (ଆ.ପ୍ର) : ବ୍ରହ୍ମପୁର ପୋଲିସ ଜିଲ୍ଲା ଜରତା ଥାନା ଅନ୍ତର୍ଗତ ପାତ୍ରପୁର ବାଇପାସ୍ ରୋଡ୍‌ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି। ପାତ୍ରପୁର ଗ୍ରାମ ବାଇପାସ୍ ରୋଡ୍‌ରେ ଥିବା ଜରି ବାଲକ ସେଂଟର ନିକଟରୁ କୃଷ୍ଣ ବେରେରା (୪୫)ଙ୍କ ଖତାକ୍ତ ମୃତଦେହ ପୋଲିସ ଉଦ୍ଧାର କରିଛି। ସୂଚନା ଅନୁସାରେ କୃଷ୍ଣଙ୍କ ମୃତ୍ୟୁରେ ଗଲାର ଆଘାତ ଲାଗିଥିବା ଦେଖି ଶରୀରର ଅନ୍ୟ କେତେକ ସ୍ଥାନରେ ମଧ୍ୟ କ୍ଷତଚିହ୍ନ ରହିଥିବା ଜଣାପଡ଼ିଛି। ଏଭଳି ଅବସ୍ଥାରେ ତାଙ୍କ ମୃତଦେହ ମିଳିବା ପରେ ଘଟଣାକୁ ନେଇ ବିଭିନ୍ନ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ କୃଷ୍ଣଙ୍କ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ତରଜ ଅଭିଯୋଗ ଆଣାଯାଇଛି। ଖବର ପାଇ ଜରତା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଜରତା ପୋଲିସ ସହିତ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ଚାଲିଛି ଏବଂ ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ଏହା ହତ୍ୟାକାଣ୍ଡ ନା ଅନ୍ୟ କୌଣସି ଜାଗାରୁ ମୃତ୍ୟୁ ଘଟିଛି, ତାହା ପୋଲିସ ତଦନ୍ତ ଓ ବ୍ୟବଛେଦ ରିପୋର୍ଟ ପରେ ହିଁ ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇ ପାରିବ ବୋଲି ଆଶା କରାଯାଉଛି।

ନିମାପଡ଼ା ପ୍ରେସ କ୍ଲବର ତୃତୀୟ ବାର୍ଷିକ ଉତ୍ସବ ଉଦଯାପିତ

ନିମାପଡା, ୧୮/୧୧ (ଆ.ପ୍ର) : ନିମାପଡା ପ୍ରେସ କ୍ଲବର ତୃତୀୟ ବାର୍ଷିକ ଓ ତୃତୀୟ ପ୍ରେସ ଦିବସ ଉଦଯାପିତ ହୋଇଯାଇଛି। ସହିଦ ଭବନ ମୁକ୍ତାକାଶ ରଙ୍ଗମଂଚରେ ଆୟୋଜିତ ଦୁଇ ଦିନିଆ କାର୍ଯ୍ୟକ୍ରମର ଉଦଯାପିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନିମାପଡା ଏନ ଏସିର ଅଧକ୍ଷ। ପତ୍ରିଜା ସାହୁ, ଜଗଧାଶ ସନ୍ତୋଷ କୁମାର ଦାଶ, ପ୍ରମୁଖ ଯୋଗ ଦେଇ ବିକାଶ ଦିଗରେ ସାମାଜିକମାନଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ। ପ୍ରେସ କ୍ଲବ ସଭାପତି ଅକ୍ଷୟ କୁମାର ବେହେରାଙ୍କ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଜମାଲାର ବେହେରା ଧନ୍ୟ ବାଦ ଦେଇଥିଲେ। ବିଜିନ୍ନସ୍ତରେ ଅବଦାନ ପାଇଁ ୬ ଜଣ କୃତି ପ୍ରତିଭା ଓ ଗୋପ ପ୍ରେସ କ୍ଲବକୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିମାପଡା ପ୍ରେସ କ୍ଲବ ବର୍ଷା ସର୍ବଦା ଗୋଟେ ନିଜ ପରିବାରର ଜଣେ ସଦସ୍ୟ ଭାବେ ଗ୍ରାହକ ଜରି ପ୍ରତ୍ୟେକ କାର୍ଯ୍ୟ କ୍ରମରେ ଯେଉଁ ସ୍ନେହ, ଶ୍ରଦ୍ଧା ଓ ଆତ୍ମୀୟତାପ୍ରକାଶ କରିଆସିଛି ସେଥିପାଇଁ ସଘର ସମସ୍ତ କର୍ମକର୍ତା ଓ ସଦସ୍ୟ ବୃନ୍ଦଙ୍କ ନିକଟରେ ମୁଁ ଅନ୍ତରରୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରୁଛି ସାମାଜିକ ଚାର ସମ୍ପାଦ, ସମାଜର ସ୍ୱାକିମାନ ବୋଲି ପୂର୍ବତନ ମନ୍ତ୍ରୀ ଉଦ୍ଧାରଣ କରିଛନ୍ତି। ଏହି ଅବସରରେ ଓଡିଶାର ପ୍ରଖ୍ୟାତ ଗାୟିକା ଜଶ୍ରୀ ଶିଖା ଅଗ୍ରୀମା ପଣ୍ଡା ଓ ତାଙ୍କ ଗ୍ରୁପ ପ୍ରଖର ପରିବେଷିତ ମେଲୋଡି ଧମାକାରେ ଦର୍ଶକ ମାନେ ବେଶ ବିମୋହିତ ହୋଇପଡ଼ିଥିଲେ।

ବରିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ ତଥା ସମାଜସେବୀ ଖୋକା ଭାଇଙ୍କ ପରଲୋକ

ଦଣପଲ୍ଲା, ୧୮/୧୧ (ଆ.ପ୍ର) : ଦଣପଲ୍ଲା ଅଂଚଳର ଜଣାଶୁଣା ରାଜନୈତିକ ବ୍ୟକ୍ତିତ୍ୱ ତଥା ସମାଜସେବୀ ପ୍ରଦୋଷ କୁମାର ଜେନା (ଖୋକା ଭାଇ)ଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଦଣପଲ୍ଲା ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଜେନା ଦାର୍ଘଦିନ ଧରି ଦଣପଲ୍ଲାର ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସକ୍ରିୟ ରହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ରତ୍ୟକ୍ଷ ରାଜନୀତିରେ ସର୍ବଦା ସାମ୍ଯକୁ ଆସୁଥିଲେ ମଧ୍ୟ ରାଜନୈତିକ ରଣନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ତାଙ୍କର ଗଭୀର ଅଭିଜ୍ଞତା ରହିଥିଲା। ଦଳୀୟ ରାଜନୀତିର ସୀମା ଅତିକ୍ରମ କରି ସମସ୍ତଙ୍କ ସହ ଆତ୍ମୀୟତାର ସମ୍ପର୍କ ରକ୍ଷଣା ସହ ଦୁଃଖସୁଖରେ ଲୋକଙ୍କ ପାଖରେ ଛିଡ଼ା ହେଉଥିଲେ। ତାଙ୍କର ମୋଳାପା ସ୍ୱଭାବ ଓ ଜନସମ୍ପର୍କ ତାଙ୍କୁ ସାଧାରଣ ଲୋକଙ୍କ ମଧ୍ୟରେ ଲୋକପ୍ରିୟ କରିଥିଲା। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବଡମାଠ ନିର୍ଦ୍ଦେଶରୁରେ ବହୁ ରାଜନେତା, ରାଜନୈତିକ କର୍ମୀ ଓ ସାଧାରଣ ଜନତା ଶୋକ ପ୍ରକାଶ କରିଥିଲେ। ତାଙ୍କ ମରଶରୀରକୁ ଭଲିଆନ୍ ପେଟ୍ରୋଲ ପମ୍ପ ନିକଟସ୍ଥ ଶୋଭାଯାତ୍ରାରେ ନିଜ ବାସଭବନକୁ ଅଣାଯାଇଥିଲା। ସେଠାରେ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତ୍ର ପ୍ରତ୍ୟୁଷ କୁମାର ଜେନା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ଜେନା କିଛିଦିନ ଧରି ଅସୁସ୍ଥ ଥିଲେ। ଭୁବନେଶ୍ୱରସ୍ଥିତ ସମ୍ ହସିଟାଲରେ ସେ ଡାଏବିଟିସ୍ ଜନିତ ଜଟିଳତାର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

ଅଁଳା ନବମୀ ଉପଲକ୍ଷେ ବଡ଼ ରାଧାକାନ୍ତ ମଠରେ ଅନନ୍ତମୁଖୀ ଭାଗବତ ଆୟୋଜିତ

ପାରଳାଖେମୁଣ୍ଡି, ୧୮/୧୧ (ଆ.ପ୍ର) : ଗଜପତି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପାରଳାଖେମୁଣ୍ଡି ସ୍ଥିତ ବଡ ରାଧାକାନ୍ତ ମଠରେ ପବିତ୍ର ଅଁଳା ନବମୀ ଉପଲକ୍ଷେ ଅନନ୍ତ ମୁଖୀ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୋଡି ଦଳ ବିରଭ୍ଭ ହୋଇ ପ୍ରତ୍ୟେକେ ଯଥାକ୍ରମେ ଅନନ୍ତମୁଖୀ ଭାଗବତ, ରାଧାକୃଷ୍ଣ କଂଶ ଷ୍ଟୋତ୍ର ଗାନ ଏବଂ ମହାମନ୍ତ୍ର ଗାନ କରିଥିଲେ। ଅତି ଶୃଙ୍ଖଳାର ସହ ପୁରୁଷ ଓ ମହିଳା ଭକ୍ତଗଣ ପରିବେଷଣ ଅଧ୍ୟାତ୍ମିକ ବାତାବରଣରେ ପରିପୂର୍ଣ୍ଣ କରିଥିଲେ। ଏହାକୁ ବାଦ୍ୟ ପ୍ରାଣଗୋପାଳ ଦାସ, ଗୋପାଳକୃଷ୍ଣ ପଟ୍ଟନାୟକ, ନିର୍ମଳ ପାତ୍ର, ବେଣୁଗୋପାଳ ପାତ୍ର ତଥା ଅନ୍ୟାନ୍ୟ ଭକ୍ତବୃନ୍ଦ ସହଯୋଗ କରିଥିଲେ। ପବିତ୍ର କାର୍ତ୍ତିକ ମାସରେ ଉକ୍ତ ମଠର ପରିଚାଳକ ବାବା ପ୍ରାଣଗୋପାଳ ଦାସଙ୍କ ପରିଚାଳନାରେ ଗୋରସ୍ତୁ ପୁରାଣ ଆରତୀ, କୃଷ୍ଣଜାଗ ଗାନ ଏବଂ ସନ୍ଧ୍ୟା ସମୟରେ ଆଳାଷରତୀ ଏବଂ ଆରତୀ ଦର୍ଶନରେ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସମାଗମରେ ଏକ ଶାନ୍ତ ତଥା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପାରିଛି।

ମଦ ବିରୋଧରେ ମହିଳାଙ୍କ ମହାସଂଗ୍ରାମ, ପଂଚାୟତକୁ ମଦମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ମହିଳା

କୋରାପୁଟ, ୧୮/୧୧ (ଆ.ପ୍ର) : ମଦ ବିରୋଧରେ ମହିଳାଙ୍କ ମହାସଂଗ୍ରାମ। ମଦମୁକ୍ତ ପଂଚାୟତ ଗଠନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ମହିଳା। ମଦ ଯୋଗୁଁ ଉତ୍ପୁତ୍ପୁଣି ପରିବାର, ବିପଥଗାମୀ ଯୋଉଛନ୍ତି ଯୁବପିଢ଼ି। ଘରେ ଘରେ ସୃଷ୍ଟି ହେଉଛି ଅଶାନ୍ତି। ଏଭଳି ସ୍ଥିତିରେ ଆଉ ଚୁପ୍ ରହିବେ ନାଇଁ ମହିଳା। ପଂଚାୟତରୁ ମଦ ପ୍ରଚଳନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏବେ ଅଂଚା ଚିତ୍କାରୁଛି ଶତାଧିକ ମହିଳା। ଏଭଳି ଏକ ଦୃଢ଼ ଦାବି ନେଇ ସାମୁଲ୍ ଆଞ୍ଚିଲି ଜୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଜଳପୁରି ପଂଚାୟତର ମହିଳାମାନେ। ଜଳପୁରି ପଂଚାୟତର ସିମନା, ଦେଉଁଗି ଓ କୁଦୁଲୁଡ଼ା ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିବା ସହ ପଂଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦାବି ଜଣାଇଛନ୍ତି। ମହିଳାମାନଙ୍କ କହିବା ଅନୁଯାୟୀ, ମଦର ପ୍ରଭାବରେ ବିଶେଷ କରି ଯୁବପିଢ଼ି କ୍ଷତିଗ୍ରସ୍ତ ହେଉଛନ୍ତି। ମଦ୍ୟପାନ

ସମ୍ପାଦକୀୟ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୯ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଓଡ଼ିଶା ଭିଜିଲାନ୍ସ ବିଭାଗ ଦ୍ୱାରା ଦୁଇ ବରିଷ୍ଠ କୃଷି ଅଧିକାରୀ ଓ ଏନ୍‌ଜିଓ ନିର୍ଦ୍ଦେଶକ ଗିରଫ

ବାଲେଶ୍ୱର, ୧୮/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାରେ ଧାନ ପଡ଼ିଆ ଜମି ପରିତାଳନା ଯୋଜନା ଅଧୀନରେ ୨୫.୦୩ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଦୁଇଜଣ ବରିଷ୍ଠ କୃଷି ଅଧିକାରୀଙ୍କ ସମେତ ଏକ ଅଣସରକାରୀ ସଂସ୍ଥାର ନିର୍ଦ୍ଦେଶକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱରର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ପୂର୍ବତନ କୃଷି ଜିଲ୍ଲା ଅଧିକାରୀ ସରୋଜ କୁମାର ଗିରି ଏବଂ ମୟୂରଗଞ୍ଜ ଜିଲ୍ଲା ବାରିପଦାସ୍ଥିତ ଶକ୍ତି ଶିକ୍ଷା ଡେଭଲପମେଂଟ ସୋସାଇଟିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତୁଷାର କାନ୍ତ ବେହେରା । ଭିଜିଲାନ୍ସ ବିଭାଗର ସୂଚନା ଅନୁଯାୟୀ, ଏହି ଯୋଜନାରେ ହୋଇଥିବା ଅନିୟମିତତା ସମ୍ପର୍କରେ ତଦନ୍ତ ବେଳେ ଅନେକ ତଥ୍ୟ ସାମ୍ନାକୁ ଆସିଛି । ବାଲେଶ୍ୱର ଜିଲ୍ଲାରେ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ଅଣସରକାରୀ ସଂସ୍ଥାକୁ କୃଡିଗଡ କାର୍ଯ୍ୟାଳୟ ସଂସ୍ଥା ରାବେ ଚୟନ କରାଯାଇଥିଲା । କିନ୍ତୁ ସଂପୃକ୍ତି ହିତାଧିକାରୀ ଚୟନ, କୃଷକମାନଙ୍କୁ ସଂଗଠିତ କରିବା, ସଚେତନତା ଅଭିଯାନ ଏବଂ କୃଷି ଉପକରଣର ତଦାରଖ ଭଳି ନିର୍ଦ୍ଧାରିତ କାର୍ଯ୍ୟ କରିନଥିବା ଅଭିଯୋଗ ହୋଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ତିନି ଅଭିଯୁକ୍ତ ପରସ୍ପର ମଧ୍ୟରେ ଷଡ଼ଯନ୍ତ୍ର କରି ମିଥ୍ୟା ବିଲ୍ ପ୍ରସ୍ତୁତ କରିବା ସହିତ ସେହିପରାୟ ସାଂଚ ଓ ଆବଶ୍ୟକ ପ୍ରମାଣୀକରଣ ବିନା ଅର୍ଥ ଛାଡ଼ କରି ୨୫ ଲକ୍ଷ ୩ ହଜାର ୨୪୯ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ରହିଛି । ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍‌ର କୃଷି ଅଧିକାରୀମାନେ ସମ୍ପୃକ୍ତ ସଂସ୍ଥା ନିର୍ଦ୍ଧାରିତ କୌଣସି କାର୍ଯ୍ୟ କରିନଥିବା ନେଇ ତଥ୍ୟ ଦେଇଥିବା ଜିଜିନାତ୍ ପଞ୍ଚୁର ବୁଝାସାଇଛି । ଏହି ଯୋଜନା ଅଧୀନରେ ବାଲେଶ୍ୱର ଜିଲ୍ଲାର ୧୨ ହଜାର ହେକ୍ଟର ଜମିରେ ମୁଗ ଏବଂ ୩ ହଜାର ୫୦୦ ହେକ୍ଟର ଜମିରେ ବିରି ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଅଭିଯୁକ୍ତମାନେ ନିଜ ନିଜ ସରକାରୀ ପଦବୀର ଅପବ୍ୟବହାର କରି ରାଜ୍ୟ ରାଜକୋଷର କ୍ଷତି ଘଟାଇଥିବା ଜିଜିଲାନ୍ସ ବିଭାଗ ଅଭିଯୋଗ କରିଛି । ଏହି ଘଟଣାରେ ବାଲେଶ୍ୱର ଜିଜିଲାନ୍ସ ଥାନାରେ କେସ୍ ନମ୍ବର ୨୨/୨୦୨୬ ରୁଜୁ କରାଯାଇଛି । ଦୁର୍ନୀତି ନିବାରଣ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରା ଅନୁଯାୟୀ ତିନି ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଗିରଫ ତିନି ଅଭିଯୁକ୍ତଙ୍କୁ ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଜିଜିନାତ୍ ଅଦାଲତରେ ହାଜର କରାଯିବ । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

ଆନ୍ତର୍ଜାତୀୟ ଏସଟିଇଏମ୍ କର୍ମଶାଳାରେ ଯୋଗଦେବେ ବାଲେଶ୍ୱରର ଦୃଷ୍ଟିବାଧିତ ଛାତ୍ରଛାତ୍ରୀ



ବାଲେଶ୍ୱର, ୧୮/୧୧ (ଆ.ପ୍ର) : ଦୃଷ୍ଟିବାଧିତ ହେଲେ ମଧ୍ୟ ଶିକ୍ଷା ଓ ଜ୍ଞାନ ପ୍ରତି ଆଗ୍ରହରେ ପଛରେ ନାହାନ୍ତି ବାଲେଶ୍ୱରର ଛାତ୍ରଛାତ୍ରୀ । ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ ସହ ନୂତନ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଛନ୍ତି ଗାଣାପାଟଣାସ୍ଥିତ ଦୃଷ୍ଟିବାଧିତଙ୍କ ବିଦ୍ୟାଳୟର ଦୁଇ ଛାତ୍ରଛାତ୍ରୀ । ଆସନ୍ତା ନଭେମ୍ବର ୨୧ ଓ ୨୨ ତାରିଖରେ ବାଙ୍ଗାଲୋରସ୍ଥିତ ଆନ୍ତର୍ଜାତୀୟ ସ୍ତରୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନରେ ଆୟୋଜିତ ଏକ ସ୍ୱତନ୍ତ୍ର ତାଲିମ ଓ କର୍ମଶାଳାରେ ଯୋଗଦେବା ପାଇଁ ସେମାନେ ଶିକ୍ଷକଙ୍କ ସହ ଯାତ୍ରା କରିଛନ୍ତି । 'ଲିଭିୟା' ଓ 'ବ୍ରିଜନ ଏଜ୍ୟୁକେଶନ ଟ୍ରଷ୍ଟ'ର ମିଳିତ ଆନୁକୂଲ୍ୟରେ 'କାଉଣ୍ଟିଅସ୍ ମାଇଣ୍ଡସ୍' ଶୀର୍ଷକ ଏହି ଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ କର୍ମଶାଳା ଆୟୋଜିତ ହେଉଛି । ଦୃଷ୍ଟିବାଧିତ ଶିକ୍ଷାଥୀଙ୍କୁ ଗଣିତ ଓ ଜ୍ଞାନ ପଢ଼ାଉଥିବା ଶିକ୍ଷକମାନଙ୍କ ଶିକ୍ଷାଦାନ ପଦ୍ଧତି ବଦଳି ବରିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖେଳରୁପ ପ୍ରକଳ୍ପ ପ୍ରଦର୍ଶନ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ବଣଶ ପ୍ରଧାନଙ୍କ ସମେତ ନବମ ଶ୍ରେଣୀର ଛାତ୍ରୀ ମନୀଷା ଟୁଡୁ ଓ ଅଷ୍ଟମ ଶ୍ରେଣୀର ଛାତ୍ର ପରଶୀ ମୁର୍ମୁ ମନୋନୀତ ହୋଇଛନ୍ତି । ଏହି ଅଂଶଗ୍ରହଣ ମାଧ୍ୟମରେ ସେମାନେ ଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ନୂତନ ଦିଗ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଏହି ସଫଳତା ଏବଂ ଜାତୀୟ ସ୍ତରୀୟ କର୍ମଶାଳାରେ ଅଂଶଗ୍ରହଣକୁ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ବିଦାକର ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଆନନ୍ଦ ଓ ଗର୍ବ ପ୍ରକାଶ କରିବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି ।

13001/2495/2627
OFFICE OF THE SORA MUNICIPALITY, SORA, BALESWAR.
Tel. Phone No.-06788-221262, Email ID -soromunicipality@gmail.com

QUOTATION CALL NOTICE

No: 4363 Date:17.11.2026.

Sealed quotations are invited from authorized automobile workshops / agencies having valid GST for the repair of defunct Cesspool vehicle No. OD-22-AK1194 of Sora Municipality. The quotation call Notice with details terms and conditions can be obtained from the office of the under signed on payment of Rs. 1000/- (Rupees One thousand) only which is non-refundable as paper cost in shape of cash in favour of Executive Officer, Sora Municipality payable at Sora from 19.11.2026 to 25.11.2026 within Office hour. The interested agencies may inspect the vehicle at the Municipality garage on any working days. The sealed quotation along with quoted price should reach the undersigned on or before 26.11.2026 by 1:00 PM and will be opened on the same day at 4 P.M.

The undersigned reserves the right to accept or reject any quotation without assigning any reason thereof.

Sl No	Description of Items	Quty/Unit	Rate (Rs.)/ per set/Nos/ job	Amount (Rs.)
1	Replacement of new kirloskar Diesel Engine Self-start with all accessories	01 set		
2	Supply & fixing of new 40x40 vacuum pump.	01 No.		
3	Replacement of M.S. pipe line including vacuum meter	01 job		
4	Replacement of ball valve (3")- 5 set.	05 sets		
5	Supply of 3" suction pipe-5 sets (each pipe 20 feet).	05 sets		
6	Repairing of self Dynamic / Self starter of the pickup truck.	01 job		
7	Labour charges			
			Total Rs.	
			GST @ 18% Rs.	
			Grand Total Rs.	

Terms & Conditions :
1.The rates quoted are inclusive of all materials, fitting & transportation.
2.Warranty 6 months on Engine and vacuum pump.
3.Work completion period within 07 days from the date of work order.
4Submit GST certificate copy with quotation.
5. Submit PAN card copy with quotation.

OIRP - 13001/13166/1/26-27/0010

Executive Officer
Sora Municipality

ଗଣତାନ୍ତ୍ରିକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ନିର୍ବାଚନୀ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା



ବାଲେଶ୍ୱର, ୧୮/୧୧ (ଆ.ପ୍ର) : ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନୀ ସଚେତନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରସାର ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ନିର୍ବାଚନୀ ସାକ୍ଷରତା କ୍ଲବ୍ ଅଧୀନରେ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ବୁଧବାର ସକାଳ ୧୦ଟାରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସାଭାଗୃହ ସମେତ ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରମୁଖ କୁଲ୍ କାର୍ଯ୍ୟାଳୟଗୁଡ଼ିକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ସମସ୍ତ ଆଠଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତପନ କୁମାର ଖୁଣ୍ଟିଆ, ଡେପୁଟି କଲେକ୍ଟର ତଥା ନିର୍ବାଚନ ବିଭାଗର ଅଧିକାରୀ ସୀମାଶ୍ରୀ ଭେରଣା, ସହକାରୀ ଜିଲ୍ଲାପାଳ ସୁଦ୍ରୁତ କୁମାର ଘୋଷ, ବିଜିନ୍ନ ଶିକ୍ଷାନୁଷ୍ଠାନର ନୋଡାଲ ଅଧିକାରୀ ଓ ନିର୍ବାଚନ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି ଶ୍ରୀ ଖୁଣ୍ଟିଆ ଡିଜିଟାଲ୍ ଯୁଗରେ ଭୋଟର ତାଲିକା ପ୍ରସ୍ତୁତିର ଗୁରୁତ୍ୱ ଓ ମତଦାନ ପ୍ରକ୍ରିୟା ସମ୍ପର୍କରେ ବୁଝାଇଥିଲେ । ଭବିଷ୍ୟତର ଭୋଟର ରାବେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ସେ ରାଜତନ୍ତ୍ର ଗଣତନ୍ତ୍ରକୁ ସୁଦୃଢ଼ କରିବା ଓ ଗଣତନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ପାଇଁ ସକ୍ରିୟ ରାବେ ଆଗେଇ ଆସିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ । ସମଗ୍ର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଦେଖି ଉତ୍ସାହର ସହ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିସହ ଉପସ୍ଥିତ ଅତିଥିମାନଙ୍କ ସମ୍ମୁଖରେ ନିର୍ବାଚନୀ ସଚେତନତା ଓ ଗଣତନ୍ତ୍ରିକ ମୂଲ୍ୟବୋଧ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ପ୍ରତିଯୋଗିତା ଯୁବପିଢ଼ିଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ନାଗରିକତା ଓ ନିର୍ବାଚନୀ ସଚେତନତା ବୃଦ୍ଧି ନିମନ୍ତେ ଏକ ଉଲ୍ଲେଖନୀୟ ପଦକ୍ଷେପ ଥିଲା ।

ବାଲେଶ୍ୱର ମତ୍ସ୍ୟ ଶିଳ୍ପରେ ଆସିବ ନୂଆ ଦିଗନ୍ତ: ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଚେଷ୍ଟାରେ ହେବ ଫୁଡ୍ ପାର୍କ ଓ ସ୍ୱାମି କୁଣ୍ଡର



ବାଲେଶ୍ୱର, ୧୮/୧୧ (ଆ.ପ୍ର) : ମତ୍ସ୍ୟ ଉତ୍ପାଦନରେ ଓଡ଼ିଶାର ଅଗ୍ରଣୀ ଜିଲ୍ଲା ଭାବେ ପରିଚିତ ବାଲେଶ୍ୱର ଏବେ ମତ୍ସ୍ୟଭିତ୍ତିକ ଶିଳ୍ପ ଓ ଉଦ୍ଦିଗ୍ରମି ବିକାଶ କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି । ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଉଦ୍ୟମ ଓ ପ୍ରସ୍ତାବକ୍ରମେ ଜିଲ୍ଲାରେ ଏକ ନୂତନ ଫୁଡ୍ ପାର୍କ ଓ ସ୍ୱାମି କୁଣ୍ଡର ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆଗେଇଛି । ଓଡ଼ିଶା ବିଧାନସଭାରେ ବିଧାୟକ ଶ୍ରୀ ଦତ୍ତ ଆଧୁନିକ ମତ୍ସ୍ୟଭିତ୍ତିକ ଉଦ୍ଦିଗ୍ରମି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିଥିଲେ । ଏଥିକୁ ଆଧାର କରି ଫୁଡ୍ ପାର୍କ ଓ ସ୍ୱାମି କୁଣ୍ଡର ପ୍ରତିଷ୍ଠା ପ୍ରକ୍ରିୟା ଆଗକୁ ବଢ଼ିଛି । ପ୍ରକଳ୍ପ ପାଇଁ ବାଲେଶ୍ୱର ସଦର ବ୍ଲକ୍‌ର ଜସଡା ମୌଜାରେ ୬୨.୫୧ ଏକର ଜମି ଚିହ୍ନଟ ହୋଇଛି । ଏହି ଜମି ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି । ଜମି ହସ୍ତାନ୍ତର ପରେ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ବିବରଣୀ (ଡିପିଆର୍) ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ । ପ୍ରସ୍ତାବିତ ଫୁଡ୍ ପାର୍କ ଓ ସ୍ୱାମି କୁଣ୍ଡର କାର୍ଯ୍ୟକ୍ଷମ ହେଲେ ମତ୍ସ୍ୟ ଉତ୍ପାଦନ ମୂଲ୍ୟ ସଂଯୋଜନ, ପ୍ରକ୍ରିୟାକରଣ ଓ ସଂରକ୍ଷଣ ବ୍ୟାପ୍ତାରେ ଜନ୍ମନ୍ତି ଆସିବ । ଏଦ୍ୱାରା ହଜାର ହଜାର ମତ୍ସ୍ୟଚାଷୀ, କ୍ଷୁଦ୍ର ବ୍ୟବସାୟୀ ଓ ମତ୍ସ୍ୟ ଶିଳ୍ପ ସହ ଜଡ଼ିତ ପରିବାର ଉପକୃତ ହେବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି ହେବା ଆଶା କରାଯାଉଛି । ବିଧାୟକ ମାନସ କୁମାର ଦତ୍ତ କହିଛନ୍ତି, "ବାଲେଶ୍ୱର କେବଳ ମତ୍ସ୍ୟ ଉତ୍ପାଦନରେ ନୁହେଁ, ମତ୍ସ୍ୟଭିତ୍ତିକ ଶିଳ୍ପ ଓ ରପ୍ତାନି କ୍ଷେତ୍ରରେ ମଧ୍ୟ ଏକ ଅଗ୍ରଣୀ ରେଡ୍ ଜାବେ ପରିଚିତ ହେଉ, ଏହା ଆମର ଲକ୍ଷ୍ୟ । ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିବା ସହ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ରୋଜଗାରର ନୂଆ ମାର୍ଗ ଖୋଲିବା ଆବଶ୍ୟକ । ଏହି ଉଦ୍ଦେଶ୍ୟରେ ଫୁଡ୍ ପାର୍କ ଓ ସ୍ୱାମି କୁଣ୍ଡର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖାଯାଇଛି ।" ମତ୍ସ୍ୟ ଉତ୍ପାଦରେ ରେକର୍ଡ଼ ସଫଳତା ପରେ ଏବେ ପ୍ରକ୍ରିୟାକରଣ ଓ ଶିଳ୍ପ ଭିତ୍ତିଭୂମିର ସମ୍ଭାବନାର ଦିଗରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ବାଲେଶ୍ୱରର ଅର୍ଥନୈତିକ ବିକାଶ ସହ ମତ୍ସ୍ୟଜୀବୀଙ୍କ ଜୀବିକାକୁ ନୂଆ ଆଧାର ଯୋଗାଇବାର ସମ୍ଭାବନା ସୃଷ୍ଟି କରିଛି ।

କୃତ୍ରିମ ଧୀମତା ଏକ ତ୍ୱରିତ ସଂଯୋଜନ ପ୍ରକ୍ରିୟା:ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର



ନୀଳଗିରି, ୧୮/୧୧ (ଆ.ପ୍ର) : ଜଣ ମାନବ ଦ୍ୱାରା ସୃଷ୍ଟ ଯନ୍ତ୍ର ଗିରିକ ବୁଦ୍ଧିମତା ଅଟେ । ଏହା ତ୍ୱରିତ, ଯୁକ୍ତିସଙ୍ଗତ ଓ ତଥ୍ୟଭିତିକ । ଏହା ଅଧିକ ତଥ୍ୟନିର୍ଭର ତ୍ୱରିତ ଓ ସଠିକ୍ ଭାବରେ ସଂଯୋଜନ ଓ ପ୍ରକ୍ରିୟା ସମାପନରେ ବିଚକ୍ଷଣ ଅଟେ । ଏଥିରେ ପ୍ରକୃତ ଭାବନା ନାହିଁ ସ୍ୱ - ସଚେତନ ନୁହେଁ । ଆମ ବେଦ ଓ ଉପନିଷଦରେ ଏକ ମୌଳିକ ଧାରଣା ଅଛି । ଜଣ ର ପ୍ରାଧାନ୍ୟରେ ସୃଜନଶୀଳତା ଜମିପିବ । ମାନବିକ ସ୍ପର୍ଶ ଓ ସ୍ପନ୍ଦନ ସୃଜନଶୀଳର ବିଶେଷତ୍ୱ । ଓଡ଼ିଆ ଭାଷାକୁ ଜଣ ରେ ବ୍ୟବହାର କରିପାରିବ । ଆଜି ଭାଷା ପାଇଁ ଜଣ ଅଗ୍ରଣୀ ଅଟେ । ଓଡ଼ିଆରେ ନିର୍ଦ୍ଦିଷ୍ଟ ଜେନେରେଟିଭ ଜଣ ଏବଂ ଖଖ ନିର୍ମାଣ କାର୍ଯ୍ୟ ଓଡ଼ିଆ ପ୍ରଯୁକ୍ତିବିଦ୍ ଏବଂ ସାଂସ୍କୃତିକ ସଂସ୍ଥାର ଦ୍ୱାରା ୨୦୨୩ରେ ଶୁଭାରମ୍ଭ ହୋଇଥିଲା । ତାହା ହେଉଛି ଶକ୍ତି । ଏକ ବ୍ୟାପକ ଓଡ଼ିଆ ଭାଟା ବେଟ୍ ନିର୍ମାଣର ଆବଶ୍ୟକତା ଅଛି । ଉଦ୍ଦେଶ୍ୟାତ୍ମକ ଅତ୍ୟାଧୁନିକ ଚ୍ୟାଲେଞ୍ଜ, ତଥ୍ୟର ଅଭାବ, ଉପଲବ୍ଧାର ବିବିଧତା ବିଚାର ଓ ସରକାରୀ ନୀତିଗତ ସମର୍ଥନ ଆମ ସଜ୍ଜୁଖରେ ଛିଡ଼ା ହୋଇଛି । ଓଡ଼ିଶାର ରାଷ୍ଟ୍ରାରତ ବିବିଧତାକୁ ସମ୍ମାନ ଦେବାପାଇଁ ଭାଇଚରସୋଁଦି ଉପଲବ୍ଧା ତଥ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଉତ୍ତ ଉପଲବ୍ଧରେ ଏବଂ ବିଷୟବସ୍ତୁର ପରିମାପନ ଓ ମାନ ନିର୍ଦ୍ଧାରଣ ପାଇଁ ସରକାରୀ ଏବଂ ଉଚ୍ଚଶିକ୍ଷା ଗବେଷଣା କେନ୍ଦ୍ରମାନଙ୍କ ସହଯୋଗର ଅତ୍ୟାବଶ୍ୟକତା ଅଛି । ଓଡ଼ିଆ ପୁସ୍ତକ, ଗବେଷଣା ଏବଂ ସାଂସ୍କୃତିକ ଲାଭ ଆଦାନ ପ୍ରଦାନପାଇଁ ଉତ୍ତ ଚାଳିତ ବିଶ୍ୱ ପ୍ଲାଟଫର୍ମର ପ୍ରସ୍ତୁତି ହୋଇଛି । ସର୍ବୋପରି ଉତ୍ତ ତଥ୍ୟ ବିଶ୍ଳେଷଣ, ସ୍ୱୟଂଚାଳନ ଓ କ୍ଷମତାରେ ଶକ୍ତିଶାଳୀ ଅଟେ ବୋଲି ସ୍ୱର୍ଗତ୍ୱ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୧୩୮ତମ ଆନ୍ତଃ ପାଠଚକ୍ରରେ ଉତ୍ତ ଓ ସାହିତ୍ୟ ଶୀର୍ଷକରେ ଅତିଥି ଉତ୍ତ ବିଶେଷଜ୍ଞ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର, ଗଣ୍ଡଯୋଗାଯୋଗ ବିଶେଷଜ୍ଞ ପ୍ରଫେସର ମୃଣାଳ ଚାଟାର୍ଜୀ ଓ ବିଜୟପୁର ଛତିଶଗଡର ପ୍ରଯୁକ୍ତିବିଦ୍ୟାର ତତିଜ୍ଞ ଗବେଷକ ପ୍ରଫେସର ଜପିଲ କୁମାର ନାୱଡଂଶୀ ପ୍ରଜାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସଂପାଦକ ଜ. ପ୍ରସାଦୀ କୁମାର ମିଶ୍ର ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ନିବେଦିତା ମନ୍ଦାକାନ୍ତ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଗାୱରଜେଲାର ଗବେଷିକା ପ୍ରତିପ୍ରାମାୟୀ ମହାନ୍ତ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ଆସରରେ ବହୁ ଗବେଷକ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହିବା ସ୍ଥଳେ ବିଦ୍ୱାନ ପ୍ରଫେସର କାଳିବାସ ମିଶ୍ର,ପ୍ରଫେସର ଶ୍ରୀରୋଦବନ୍ଧୁ ବେହେରା ନିଜ ମତ ଉପସ୍ଥାପନ କରିଥିଲେ ।

ନୀଳଗିରିର ସୁନାଝିଅ ଏମ ଆୟୁସ୍ମିତା ଜେନା



ନୀଳଗିରି, ୧୮/୧୧ (ଆ.ପ୍ର) : ଓଡ଼ିଶାରେ ଶିକ୍ଷିକ ଉତ୍କର୍ଷତା ପାଇଁ ଏକିଟ ଅଳମିଆତ ଉତ୍ତପରୁ ପ୍ରଥମଥର ତୃତୀୟରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଜିନ୍ନ ବିଷୟରେ ପ୍ରତିଯୋଗିତା ମାଧ୍ୟମରେ ଶ୍ରେଷ୍ଠ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଛି । ଏହି ଅଳମି ଯାତ୍ର ଦ୍ୱାରା ଅତୁଳ୍ଟି ଓ ପ୍ରତିଯୋଗିତାରେ ନାଳଗିରିର ସାଗଗାରପାଡି ଗ୍ରାମର ପିତାମର ଜେନା ଓ ମଧୁସ୍ମିତା ରାଉତଙ୍କ କନ୍ୟା ଏମ.ଆୟୁସ୍ମିତା ଜେନା ନାଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏମ୍‌ଶ୍ରୀ ଜେନାସ ଚତୁ ଜଉବିଦ୍ୟାଳୟର ତତୁର୍ଥଶ୍ରେଣୀର ଛାତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ଅଳମିୟାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।ଗତ ନଭେମ୍ବର ୧୪ତାରିଖରେ ସଂସ୍ଥା ତରଫରୁ ପୁରୀର ସଂସ୍କୃତିଭବନ ଠାରେ ଓଡ଼ିଶାର ସମସ୍ତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧିତ ସଭାରେ ମୁଖ୍ୟଅତିଥି ରାବେ ସେରୁଂଚକ ଆଇ. ବି. ସରଂକ୍ଷିତ ନାୟକ ଓ ପ୍ରତିଯୋଗୀ ଶିକ୍ଷାଦିତେ ପ୍ରଫେସର ମାନସ ବେହେରା ଏବଂ ଅନ

ସମ୍ବାଦ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୯ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଜୀବନ

ମଣିଷ ନିଜର ଭାବନାକୁ ପ୍ରକାଶିତ କରିବାକୁ ଚେଷ୍ଟା କରେ । ଭାବିବା ବା ଚିନ୍ତାକରିବାର କୌଶଳ ମଣିଷ ପାଖରେ ହିଁ ଅଛି । ମଣିଷ ଜୀବନକୁ ସରଳ ସୁନ୍ଦର କରିବା ପାଇଁ ସାଧାରଣତଃ ଭାରିଥାଏ ।ସେଥିପାଇଁ ଚେଷ୍ଟା କରେ । ମଣିଷ ଯାହା ଚାହିଁ ଥାଏ । ହୁଏତ ପାଇପାରେ ନାହିଁ ।କିନ୍ତୁ ମଣିଷର ଭାରୟାର ଉଦ୍ୟମକୁମେ ସଫଳ ହୋଇଥାଏ ।କେତକ ବିଫଳ ମଧ୍ୟ ହୁଅନ୍ତି ।ବିଫଳ ହେବାର କାରଣ ଅନେକ ରହିଛି । ସଫଳତା ଓ ବିଫଳତାର ପରିଧିରେ ମଣିଷର ଜୀବନ । ସଫଳତା ପାଇଥିବା ବ୍ୟକ୍ତି ସମସ୍ତଙ୍କ ଆଦରର ପାତ୍ର ହୋଇଥାଏ ।ଯେଉଁ ଲୋକଙ୍କ ବିଷୟରେ କେହି କିଛି ଜାଣିନଥିଲେ ତାଙ୍କ ବିଷୟରେ ଆଲୋଚନା ହୁଏ ।ସବୁଠାରେ ସେହି ବ୍ୟକ୍ତି ବିଷୟରେ ଚର୍ଚ୍ଚା ।ଅନେକ ଶୁଣେଇଛା ଚାର୍ଚ୍ଚା ଆସେ ।ସଫଳ ବ୍ୟକ୍ତିଙ୍କୁ ଯଦି ସଫଳତାର ଚମ ସଫଳତାର ରହସ୍ୟ ବିଷୟରେ ଲୋକଟିର ସାମ୍ପତ୍ତିକ ମତାମତରୁ ଜଣାପଡେ ତାଙ୍କ ସଫଳତା ପଛରେ ରହିଛି କାମନା । ଗାତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା କାମନା ବିଷୟରେ ଉପଦେଶ ହେଉ ଲିମା ଗୌତମ ବୁଦ୍ଧଙ୍କ କାମନାର ବିନାଶରେ ଦୁଃଖର ବିନାଶ କଥା ହେଉ । କାମନାକୁ ବିନାଶ କରି ସୃଖରେ ରହିବା କଥା କେତେ ଲୋକ ସୁଉଣ କରନ୍ତି ? ଲୋକେ କହନ୍ତି କାମନା ଅଛି ତ ଆମେ ଅଛୁ ।ବିନା କାମନା ବାକ୍ୟାରେ ସଂସାରରେ ବଂଚିବା ଲଷ୍ଟକର । ପ୍ରତ୍ୟେକ କାଯ୍ୟ ପଛରେ ଇଷ୍ଟିର କାମନା ରହିଥାଏ । ଅଗାଢ଼ ଜଳ ମଧ୍ୟରେ ରୋଇମାଛ ଯେତେହେଲେ ଗର୍ଚ କରେ ନାହିଁ । କିନ୍ତୁ ଅଳ୍ପ ଜଳରେ ରହି ଜେରାଣି ମାଛ ସବାସବ୍ଦବା ପରପର ହେଉଥାଏ । ବଡ଼ପ ଷ୍ଟାନୀ ସଜ୍ଜନମାନେ ବହୁ ବିଦ୍ୟାର ଅଧିକାରୀ ହୋଇଥିଲେ ମଧ୍ୟ ଗର୍ବ କରନ୍ତି ନାହିଁ । କିନ୍ତୁ ଅଳ୍ପାନୀ ସାଧାରଣତ କିଛି ବିଦ୍ୟା ପାଇଗଲେ ପରପର ହୁଏ । ଆଜିକାଲି ଧର୍ମ, ଉଲ୍ଲ, ବେଦା ଏବଂ ପୂଜାଦି ପାଇଁ ମଧ୍ୟ ଲାଖିଛି ଜିଣାବିକା । ସମସ୍ତେ ଚ ମୁଖରେ ରାମ ନାମ ଉଚ୍ଚାରଣ କରନ୍ତି, ମାତ୍ର ବଶ ଇଞ୍ଚିରୁ ବମାନ ଜଭି ଯଦି ଅରେ ରାମ ନାମ ଉଚ୍ଚାରଣ କରାଯାଇଥାନ୍ତା , ତେବେ କୋଟି ଯନ୍ତ୍ରର ଫଂକ ମିଟିଯାରନ୍ତା । ଏହିପରି ସମସ୍ତେ କାଳଚକ୍ରରେ ପତି ମୋହିତ । ଏହିକାଳ ସମସ୍ତ ପ୍ରାଣୀ ଜଗତକୁ ନଚାଇ ଦେବନ୍ତି । ତାର ମାୟାଜାଳରୁ କେହି ମଧ୍ୟ ମୁକ୍ତ ନୁହନ୍ତି । ଆଖିରେ ଅଳ୍ପ ପୋତ୍ତା ବାନ୍ଧିଦେଇ ହନ୍ତସନ୍ତ କରୁଛି । ସେହିକାରକୃପା ମାୟାଧାରଙ୍କ ଶରଣାପନ୍ନ ହେଲେ ସବୁ ମାୟା ଜତିଯିବ । ପୋତ୍ତଙ୍କା ମଧ୍ୟ ପିଟିଯିବ ।ଆମେ ସେହି ମାୟାଜାଳକୁ ଛିଣ୍ଡାଇ ନୂତନ ଆଲୋକ ମଧ୍ୟରେ ପ୍ରବେଶ କରିବା, ସେହି ଦୃଢ଼ ଆଲୋକ ଜଗତରେ କାମ, କ୍ରୋଧ, ଲୋଭ, ମୋହ, ମାୟା, ମଦ, ମାତ୍ସର୍ଯ୍ୟ, ପରଶ୍ରୀକାତରତା, ଅଜ୍ଞାନ, ପରନିନ୍ଦା, ଅଭିମାନ, ଗର୍ବ ଓ ଅଂହକାର କିଛି ମଧ୍ୟ ନଥିବ, ସେଇଠି ଥିବ ଅନନ୍ତ ଶାନ୍ତି, ସମାଦଶିତା ଭାବ, ସମସ୍ତେ ମୋର । ଆମ୍ଭାର ପବିତ୍ର ବିଚାର, ଦୟା, କ୍ଷମା ଏବଂ ସ୍ମୃତି, ପରମ ଆନନ୍ଦ ଓ ପରମ ଶାନ୍ତି । ଅଡଂ ଶିବଂ ସୁନ୍ଦରଂ ତେବେ ସେହି ପରମ ଶାନ୍ତିର ଅନୁସନ୍ଧାନ ନ କରିବା କାହିଁକି ? କାମନା ଶାଶ୍ୱତ ଓ ପବିତ୍ର ହେବା କଥା । କାମନା ଜିତରେ ପ୍ରାପ୍ତିକୁ ଗୌଣ ସ୍ଥାନରେ ରଖିବା । ଜୀବରେ କାମନା ରହିବ ।କିନ୍ତୁ କାମନାକୁ କରାୟତ କରି ଜୀବନ ଗତିପଥ ଆଡେଇବା । ଜୀବନରେ ଅନେକ କାମନା ରହିବା । ସତେମନେନ୍ଦୁଏ କାମନାର ଜୀବନ । ଯାହା ସବୁ କାମନା କରାଯାଏ ନପାଇଲେ ଆମେ ଲାଂପିପଡିଥାଉ ।ଦୁଃଖ ଶୋକରେ ବୁଡି ଯାଇ ଜୀବନକୁ ତୁଚ୍ଛ ମଣିଥାଉ ।ଅନ୍ୟ ମାନଙ୍କର ଉନ୍ନତିକୁ ଦେଖି ସେହିପରି ହେବା ପାଇଁ ବ୍ୟନ୍ତ ହେଇ ଉଠୁ ।କିନ୍ତୁ ସେମାନେ କେମିତି ଉନ୍ନତି କରିଛନ୍ତି । କେତେ ପରିଶ୍ରମ କରିଛନ୍ତି । କେତେ ତ୍ୟାଗ କରିଛନ୍ତି । କେତେ ହଷ୍ଟ ସ୍ୱୀକାର କରିଛନ୍ତି । ସେହିବିଷୟରେ ଜାଣିବା ପାଇଁ ଆଦୌ ଆଗ୍ରହ ପ୍ରକାଶ ନକରି ଆସନ୍ତୁ ବଦିବା ପାଇଁ ଚେଷ୍ଟା କରିଥାଉ । ସେଥିପାଇଁ ଝୁଣ୍ଟି ପଡିଥାଉ । କାମନା ପଛରେ ମଣିଷର ଜୀବନ । କାମନା ସ୍ଥିତି ମଣିଷ ଅଛି ।ବୟସ ବଢିବା ସହ କାମନା ଗତି ମଧ୍ୟ ବଢିଥାଏ ।କାମନା ପ୍ରାପ୍ତି ରେ ମଣିଷ ଘାଣ୍ଟି ବଳି ହେଯାଇ ବାସ୍ତବତାକୁ ବୁଜିଯାଏ ।ମଣିଷ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିପରି ହେବା କଥା ଆମ ନୀତିଶାସ୍ତ୍ର, ମହାପୁରୁଷ ତଥା ଆମ ପୂର୍ବପୁରୁଷା ମାନେ ନିର୍ଦ୍ଧାରଣ କରିଛନ୍ତି । କିନ୍ତୁ ଆଜିକାଲି କାମନା ସ୍ୱାର୍ଥରେ ବଶ୍ୟ ପଡିଛି । ପରୋପକାର, ସେବା,ତ୍ୟାଗ ପରି ମହନୀୟ ବିଷୟବସ୍ତୁକୁ ନିଜର କରିବା ପାଇଁ କାମନା ଜିତରେ ନାହିଁ । ସେଥିପାଇଁ ଆଜିର ଶିକ୍ଷାପ୍ରତ ଯୁବକୁ ନିଆଯାରପାରେ । ଆଜିର ସମୟରେ ନିଜକୁ ହିଁ ଶିକ୍ଷାପିତ ଦେବାକୁ ପଡୁଛି । ଯିଏ ଯେତେ ଶିକ୍ଷାପନର କୌଶଳ ଅବଲମ୍ବନ କରୁଛି ସେ ସେତେ ନାମୀ ବାମୀ । ପ୍ରକୃତ ଗୁଣବତ୍ତା ଗାରିମା ହାଣ୍ଡିଶାଳରେ । ଗୁଣଗ୍ରାହୀ ଅଳ୍ପ ସଂଖ୍ୟାରେ ଥିବା ଯୋଗୁଁ ପ୍ରକୃତ କର୍ମଯୋଗୀଙ୍କ ପରିଚୟ ଲୁଚି ଯାଉଛି । ମଣିଷ କାମନା ପ୍ରାପ୍ତି ପଛରେ ଗୋଡେଇ ଗୋଡେଇ ଅନେକ ଦୁଃଖ ବୁ ରେଢୁଛି । ଯଥାର୍ଥ ଜୀବନ ବଂଚିବାରେ ଅସମର୍ଥ ହେଉଛି ।

ବିକଶିତ ଭାରତ ୨୦୪୭: ମୁସଲମାନମାନଙ୍କ ଭୂମିକା

॥ ଅଲତାଫ୍ ମିର୍ ॥

କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟରେ ଆନୁଷାନିକ ଭାରରେ ନିଜର ଦୃଷ୍ଟିକୋଣ ଘୋଷଣା କରିଛନ୍ତି । ତଥାପି ଏହି ଲକ୍ଷ୍ୟ ହାସଲ କରିବା ସହଜ ହେବ ନାହିଁ । ଏଥିପାଇଁ ସରକାରଙ୍କ ପାଖରେ ୨୧ ବର୍ଷର ସମୟ ରହିଛି । ଏହାକୁ ଆଖୁଆଗରେ ରଖି ଭାରତକୁ ପ୍ରାୟ ୩୦ ଟ୍ରିଲିୟନ ଡଲାର ମୂଲ୍ୟର ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଛି ଓ ବିଶ୍ୱ ବ୍ୟାଙ୍କ ଅନୁଯାୟୀ ଭାରତ ବର୍ତ୍ତମାନ ଏକ ନିମ୍ନ-ମଧ୍ୟମ ଆୟକାରୀ ଦେଶ, ଯାହାର ପ୍ରତି ମୁଣ୍ଡପିଛା ଆୟ ପ୍ରାୟ ୨,୬୧୨ ଡଲାର । ଏକ ବିକଶିତ ଦେଶର ମାନ୍ୟତା ପାଇବା ପାଇଁ ଭାରତକୁ ଏହାର ପ୍ରତି ମୁଣ୍ଡପିଛା ମୋଟ ଜାତୀୟ ଆୟ ପ୍ରାୟ ଛଅ ଗୁଣ ବୃଦ୍ଧି କରିବାକୁ ପଡିବ । ଏହି ଲକ୍ଷ୍ୟ ସେତେବେଳେ ସମ୍ଭବ ହେବ ଯେତେବେଳେ ଭାରତ ଆଗାମୀ ଦୁଇ ବର୍ଷରି ମଧ୍ୟରେ ୮ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ପ୍ରବୃଦ୍ଧ ଅର୍ଥନୈତିକ ଅଭିବୃଦ୍ଧି ହାର ବଜାୟ ରଖିପାରିବ ।

୧୧ ଡିସେମ୍ବର ୨୦୨୩ରେ ପ୍ରଧାନମନ୍ତ୍ରୀ ରିଡିଓ ଜନପ୍ରତେନ୍ଦି ମାଧ୍ୟମରେ 'ବିକଶିତ ଭାରତ ୨୦୪୭: ଯୁବଶକ୍ତିର ସ୍ୱର' ଶୀର୍ଷକ ପ୍ରୟାସ ଆରମ୍ଭ କରିଥିଲେ । ସେ କହିଥିଲେ: 'କେବଳ ବ୍ୟକ୍ତିବିଶେଷଙ୍କୁ ନିର୍ମାଣ କରି ଆମେ ରାଷ୍ଟ୍ର ନିର୍ମାଣ କରିପାରିବା । ବର୍ତ୍ତମାନ ସମୟରେ ଭାରତ ପାଇଁ ବ୍ୟକ୍ତିବିଶେଷଙ୍କ ବିକାଶ ଏବଂ ପ୍ରଗତି ଅନ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ବିକଶିତ ଭାରତ କିପରି ଦେଖାଯିବା ଉଚିତ ଏହା ଯୁବପିଢ଼ିଙ୍କ ନିଷ୍ପତ୍ତି ନେବାର କଥା । କେବଳ ସାମୂହିକ ପ୍ରୟାସ ଦ୍ୱାରା ଭାରତ ବିକଶିତ ହୋଇପାରିବ ଏବଂ ଆମେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିପାରିବା ।' ଦେଶର ବିକାଶରେ ଲୋକଙ୍କ ପ୍ରଗତି, ସେମାନଙ୍କର ଜୀବନଶୈଳୀ, ବାଣିଜ୍ୟ, ସୁରକ୍ଷା, ଶିକ୍ଷା ଏବଂ ନବସ୍ପନ୍ଦନ, ଉଦ୍ୟୋଗିତା, ଡିଜିଟାଲାଇଜେସନ୍, ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ୍ ଏବଂ ବର୍ତ୍ତମାନର କୃତ୍ରିମ ବୁଦ୍ଧିମତା, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ସାମ୍ପ୍ରଦାୟିକ ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଭାରତ ସ୍ୱାଧୀନତାର ୧୦୦ ତମ ବାର୍ଷିକୀ ପାଳନ ନେବାରୁ ବିଶ୍ୱର ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନ୍ୟତମ ରାଷ୍ଟ୍ର ହେବ । ଶିକ୍ଷା ବ୍ୟବସ୍ତା ହେଉଛି ଯେକୌଣସି ଦେଶର ବିକାଶର ମୂଳଦୁଆ । ଏକ ଦୃଢ଼ ଏବଂ ପ୍ରତିଯୋଗିତାମୂଳକ ଅର୍ଥନୀତିର ଅଭିବୃଦ୍ଧି ପାଇଁ ନାଗରିକଙ୍କୁ ଶିକ୍ଷିତ କରିବା ଅତ୍ୟନ୍ତ ଜରୁରୀ ଓ ଶିକ୍ଷା ଏପରି ଏକ ମାଧ୍ୟମ ଯାହା ଦ୍ୱାରା ବାରିପ୍ୟ, ଦେବାରା, ଆକ୍ଷାତା ଏବଂ ସାମ୍ପ୍ରଦାୟିକ ବିଶ୍ୱଜ୍ଞାନକୁ ଲୋକିବା ସମ୍ଭବ । ଶିକ୍ଷା ଏବଂ ଶିକ୍ଷାଗତ ସୁଯୋଗର ପରିସରକୁ ବିସ୍ତାର କରିବା ସହିତ ଏକ ଅନୁକୂଳ ମାନସିକତା ସୃଷ୍ଟି କରିବା ମଧ୍ୟ ଆବଶ୍ୟକ ଯେଉଁଠି ପ୍ରତ୍ୟେକ ସମ୍ପ୍ରଦାୟ ସମାନ ସୁଯୋଗ ପାଇପାରୁଥିବେ । କେବଳ ସ୍କୁଲ ଏବଂ କଲେଜରେ ହିଁ ମୁସଲମାନମାନେ ଶିକ୍ଷା ହାସଲ କରିପାରିବେ, ତା ନୁହେଁ । ଅନେକ ଏପରି ପ୍ରତିଷ୍ଠାନ ସ୍ଥାପିତ ହୋଇଛି ଯାହା ବୃତ୍ତିଗତ ଏବଂ ବ୍ୟବସାୟିକ ତାଲିମ ପ୍ରଦାନ କରେ । ଯଦି ମୁସଲମାନ ଜନସଂଖ୍ୟାର ଏକ ବଡ଼ ଅଂଶ ଶିକ୍ଷାରୁ ବଂଚିତ ରୁହେ ତେବେ ବିକଶିତ ଭାରତ ଗଢ଼ିବାର ସ୍ୱପ୍ନ ଅଧୂରା ରହିଯିବ । ଯଦି ଆମେ ବିକଶିତ ଭାରତ ଆଡ଼କୁ ଅଗ୍ରସର ଦିଗରେ ଡିଜିଟାଲ ଇଣ୍ଡିଆର ଭୂମିକାକୁ ବିଚାର କରିବା ତେବେ ଏହା ସ୍ପଷ୍ଟ ଯେ ଆଜିର ଯୁଗରେ ଡିଜିଟାଲାଇଜେସନ୍ ବିନା ବିକାଶ କଳ୍ପନା କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୧ ଜୁଲାଇ ୨୦୧୫ରେ ଆରମ୍ଭ କରାଯାଇଥିଲା ଓ ଏହାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଇଁ ହାଇ-ସ୍ପିଡ୍ ଇଂଟରନେଟ୍ ଏବଂ ଡିଜିଟାଲ ସେବାର ଉପଲବ୍ଧତା ସୁନିଶ୍ଚିତ କରିବା । ଏହା ନାଗରିକମାନଙ୍କୁ ପ୍ରମୁଖିତିବ୍ୟା ବୃଦ୍ଧିରୁ ସଚେତନ ଏବଂ ସକ୍ଷମ କରିବା ସହିତ ଇ-ଗଭର୍ଣ୍ଣାନ୍ସକୁ ପ୍ରୋତ୍ସାହିତ କରି ଅନଲାଇନ୍ ଏବଂ ଇଲେକ୍ଟ୍ରୋନିକ୍ ? ମାଧ୍ୟମରେ ନାଗରିକମାନଙ୍କ ନିକଟରେ ସିଧାସଳଖ ସରକାରୀ ସେବା ପହଂଚାଇବାର ଲକ୍ଷ୍ୟ ରଖୁଛି । ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ଏଗାର ବର୍ଷ ପରେ ଆଜି ଡିଜିଟାଲ ଇଣ୍ଡିଆ ଦେଉଁତି ଅଛି ତାହା ସ୍ପଂଚ କରିବାର ଆବଶ୍ୟକ ? ରା ଅଛି । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସରକାର ଜୁଲାଇ ୨୦୧୫ ରେ 'ପ୍ରଧାନମନ୍ତ୍ରୀ ଦୌଶଳ ବିକାଶ ଯୋଜନା' ଆରମ୍ଭ କରିଥିଲେ, ଯାହାର ଲକ୍ଷ୍ୟ ଯୁବକମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା । ଏହି ଯୋଜନା ଅଧୀନରେ ଯୁବକମାନଙ୍କୁ ସେମାନଙ୍କର କ୍ଷମତା ବୃଦ୍ଧି କରିବା ପାଇଁ ମାଗଣାରେ ଶିକ୍ଷ ଏବଂ ଉତ୍ପାଦନ ସମ୍ବନ୍ଧୀୟ ବଷୟ ତାଲିମ ପ୍ରଦାନ କରାଯାଏ ଓ ତାଲିମ ସମାପ୍ତ ହେବା ପରେ ନିଯୁକ୍ତି ସୁରକ୍ଷିତ କରିବାରେ ମଧ୍ୟ ସହାୟତା ପ୍ରଦାନ କରାଯାଏ । ସେହିପରି ଆର ଏକ ଯୋଜନା 'ହୁନର୍ ସେ ରୋଜଗାର ତକ୍' (କୌଶଳରୁ ନିଯୁକ୍ତି ପର୍ଯ୍ୟନ୍ତ)' ପ୍ରଚଳନ କରାଯାଇଥିଲା ଯାହା ଅଧୀନରେ ଯୁବକମାନଙ୍କୁ ଖାଦ୍ୟ ଉତ୍ପାଦନ, କେକ୍ ପ୍ରସ୍ତୁତି, ଗୃହଉତ୍ତା ଏବଂ ବ୍ୟାଉଟି ଭଳି ପାଠ୍ୟକ୍ରମରେ ମାଗଣା ତାଲିମ ପ୍ରଦାନ କରାଯାଏ ଏବଂ ତାଲିମ ପରେ ନିଯୁକ୍ତି ଖୋଜିବାରେ ମଧ୍ୟ ସହାୟତା ପ୍ରଦାନ କରାଯାଏ । ସରକାର ଆହୁରି ଅନେକ କଲ୍ୟାଣକାରୀ ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକରୁ ଯୁବକମାନେ ପ୍ରକୃତରେ ଚେତେ ଲାଭ ପାଇଛନ୍ତି ତାହା ଦେଖିବା ବାକି ଅଛି ।

ବିକଶିତ ଭାରତ ଗଢିବାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହା ଉଦ୍ୟୋଗୀ, ନିବେଶକ, ପରାମର୍ଶଦାତା, ଶିକ୍ଷାନୁଷ୍ଠାନ ଏବଂ ସରକାରୀ ନୀତିଗୁଡ଼ିକର ଏକ ପରସ୍ପର ସଂଯୁକ୍ତ ନେଟୱାର୍କ ଯାହା ନୂତନ ବ୍ୟବସାୟ ସୃଷ୍ଟିକୁ ସମର୍ଥନ କରେ । ଏହା ନବସ୍ପନ୍ଦନ ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରେ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରେ ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରେ ଓ ଏହା ପ୍ରତିଷ୍ଠାନ ଏବଂ ନେଟୱାର୍କିଂ ସୁଯୋଗଗୁଡ଼ିକୁ ମଧ୍ୟ ସହଜ କରିଥାଏ ଓ ବିକଶିତ ରାଷ୍ଟ୍ର ଆଡ଼କୁ ଭାରତର ଯାତ୍ରାରେ କୃତ୍ରିମ ବୁଦ୍ଧିମତା (AI)ର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ । ଏହାର ଗୁରୁତ୍ୱକୁ ସ୍ୱୀକାର କରି, କେନ୍ଦ୍ର କ୍ୟାବିନେଟ୍ ମାର୍ଚ୍ଚ ୨୦୨୪ରେ IndiaAI ମିଶନକୁ ଅନୁମୋଦନ କରିଥିଲା, ଯାହାର ବଢେଟ୍ ପାଂଚ ବର୍ଷ ପାଇଁ ୧୦,୩୭୧.୯୨ କୋଟି ଟଙ୍କା ଥିଲା । ଏହି ମିଶନ୍ ଭାରତର କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ବିଶ୍ୱସ୍ତରୀୟ ନେତା ଭଳିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ପ୍ରମାଣିତ ହୋଇପାରେ, ଯଦି ଏହାର ଲାଭ ଗ୍ରାମାଂଚଳ ଏବଂ ପଛୁଆ ଅଂଚଳ ପର୍ଯ୍ୟନ୍ତ ମଧ୍ୟ ପହଂଚେ । IndiaAI ମିଶନର ସଫଳତା ସାତଟି ସ୍ତମ୍ଭ ଉପରେ ନିର୍ଭର କରେ । ଏଥିରେ IndiaAI କମ୍ପ୍ୟୁଟ୍ ପିଲର, IndiaAI ଆପ୍ଲିକେସନ୍ ଡେଭଲପମେଂଟ୍ ଇନିସିଏଟିଭ୍, IndiaAI ଡାଟାସେଟ୍ ପ୍ଲାଟଫର୍ମ, IndiaAI ଫାଉଣ୍ଡେସନ୍ ମଡେଲ୍, IndiaAI ଫ୍ୟୁଚର ସ୍କିଲ୍ସ, IndiaAI ଷ୍ଟାର୍ଟ-ଅପ୍ ଫାଇନାନ୍ସ ଏବଂ ସେଫ୍ ଆଣ୍ଡ ଟ୍ରଷ୍ଟେଡ୍ ଏଆ ଅନ୍ତର୍ଭୁକ୍ତ । ଏଗୁଡ଼ିକ ସରକାର ନିଜେ ନିନ୍ଦୁଟ ସୁଯୋଗ ସୃଷ୍ଟି କରିବା ପାଇଁ ଏହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବେ କି ନାହିଁ ଓ ସମ୍ପ୍ରଦାୟ ନେତୃତ୍ୱ ହେଉଛି ବିକଶିତ ଭାରତର ଆଉ ଏକ ଉପାଦାନ ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଏହାକୁ ସାଧାରଣତଃ ଅଣଦେଖା କରାଯାଇଥାଏ । ସମ୍ପ୍ରଦାୟ ନେତୃତ୍ୱ ସଚ୍ଚାରାତ୍ମକ ଏବଂ ସ୍ଥାୟୀ ପରିବର୍ତ୍ତନ ପାଇଁ ଜାଗ ବଢିବା ପାଇଁ ଲୋକଙ୍କୁ ଏକ ସାଧାରଣ ମଂଚରେ ଏକାଠି କରିଥାନ୍ତି । ଏହାକୁ ସମ୍ପ୍ରଦାୟରେ, ସମ୍ପ୍ରଦାୟ ପାଇଁ ଏବଂ ସମ୍ପ୍ରଦାୟ ଦ୍ୱାରା ନେତୃତ୍ୱ ରାଜରେ ବର୍ତ୍ତମାନ କରାଯାଇଛି । ନେତୃତ୍ୱର ଭୂମିକା ନୂଆଁ କେବଳ ନିର୍ଦ୍ଦେଶ ଜାରି କରିବା ଯେପରି ପ୍ରାୟତଃ ଜରୁରୀ ଅବସ୍ଥାରେ, ସଂପ୍ରଦାନ ନିୟା ରାଜନୀତିରେ ହୋଇଥାଏ, ତଦଂ ଲୋକଙ୍କ ଦୈନନ୍ଦିନ ସମସ୍ୟାକୁ ବୁଝିବା ଏବଂ ବୃଶମୂଳ ସ୍ତରରେ ସମାଧାନ ଖୋଜିବା ଓ ଏହାର ଉଦ୍ଦେଶ୍ୟ ହେଉଛି ସମାଜର ବିଭିନ୍ନ ବର୍ଗ ମଧ୍ୟରେ ସମୟକୁ ପ୍ରୋତ୍ସାହିତ କରିବା । ଏହାର ମୌଳିକ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସହଚେତନ କରିବା, ସମ୍ପ୍ରଦାୟର ଅଧିକାର ବୁଝିବା ପାଇଁ ସେମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କର କଲ୍ୟାଣ ପାଇଁ ପଦକ୍ଷେପ ନେବାରେ ସକ୍ଷମ କରିବା ।

ଜାମିଆ ମିଲିଆ ଇସଲାମିଆ

ପୁଣ୍ୟମୟ କାର୍ତିକ ଓ ଓଡ଼ିଆ ଆଧ୍ୟାତ୍ମିକ ଚେତନା

॥ ସ୍ୱାଗତ ପରିଡ଼ା ॥

ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ । ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି । ଉତ୍ତର ଅଛି, ଉତ୍ତର ଶୈବ ଏବଂ ବୈଷ୍ଣବ ଉଲ୍ଲଗଣ ଜୀବନର ସବୁ ଶୃଙ୍ଖଳାକୁ ଜଡୋଇ ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ଗାତିଜୀବିକୁ ବିଶେଷ ପୁରୁତ୍ୱ ଦେଇଥାନ୍ତି ।

ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ । କୁମାର ପୂର୍ଣ୍ଣିମା ପରଦିଠାରୁ ଜାତିର ମାସର ଆରମ୍ଭ ହୋଇଥାଏ । ତାର ମାସ ମଧ୍ୟରୁ ଜଗତାନ ମାଧବଦେବଙ୍କ ପ୍ରିୟର ମାସ ହେଉଛି କାର୍ତିକ । କାର୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ କରିଥାନ୍ତି । ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ଆରମ୍ଭ ହୁଏ । ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ବିଶ୍ୱାସ ଆସେ ଯେ ଜଗତାନ ବିଷ୍ଣୁ ଏବଂ ମହାଦେବ ଏକ ଅତ୍ମା । ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବପୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଉତ୍ତିର ସହ ଜପ କରିଥାନ୍ତି ।

ପୁଣ୍ୟମୟ କାର୍ତିକ ଆମ ସମସ୍ତଙ୍କୁ ମଙ୍ଗଳ ଓଡ଼ିଶାର ପରମ୍ପରା, ଉତ୍ସବ, ବ୍ରତ ମେଳା ସମ୍ପର୍କରେ ଅନେକ ଶିକ୍ଷା ଦେଇଥାଏ । ଓଡ଼ିଆଙ୍କ ଘରେ ଘରେ ବାର ମାସରେ ତେର ପର୍ବପ୍ରତି ପୁଣ୍ୟ ପାବନ କାର୍ତିକ ମାସରେ ମାସ ତମାମ ପାଳନ ହେଉଥିବା କାର୍ତିକ ବ୍ରତର ଗୁରୁତ୍ୱ ଓ ମହତ୍ୱ ଅନେକ । ମାନ୍ଧାତ୍ରପୁର ଶ୍ରୀଜଗନ୍ନାଥ କୋଟି ଓଡ଼ିଆଙ୍କ ମଲବମଣି ଓ ଆମର ଆରାଧ୍ୟ ଦେବତା । ପ୍ରତିଟି ଓଡ଼ିଆଙ୍କ ଘରେ ଠାକୁର ଘର, ନିଜ ଇଷ୍ଟଙ୍କ ଦିଗ୍ରହ ପୂଜା ଓ ଉତ୍ତରାମୂଳ ହେଉଛି ଜୀବନ ସାଧନାର ସ



ସେଇଠି ଆରମ୍ଭ

SEITHO ARAMBHA

ଗୁରୁବାର, ୧୯ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫



ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳା ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଖଣ୍ଡପଡ଼ା, ୧୮/୧୧ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଅଧ୍ୟନ ଭାପୁର ମାଟିର ଅସ୍ମିତା, କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜାଗରି କରି ଉଖୁଡାର ମହତ ଲକ୍ଷ୍ୟ ନେଇ ଅନୁଷ୍ଠିତ ହେଉଥିବା ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳାର ସଫଳତା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭାପୁର ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ପୂର୍ବତନ ସରପଂଚ ମାତିଆ ସ୍ୱାଇଁଙ୍କ ପୌରହିତ୍ୟରେ କୃଷ୍ଣାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦୨୬ ନବ ବର୍ଷ ଅବସରରେ ଜାନୁଆରୀ ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମେଳା ଅନୁଷ୍ଠିତ ହେବ ବୋଲି ବୈଠକରେ ସର୍ବସମ୍ମତ ପ୍ରସ୍ତାବ ହୁମେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ଉକ୍ତ ବୈଠକରେ ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳା କମିଟିର ଉପ ସଭାପତି ଜିଲ୍ଲା ପରିଷଦ ସଦସ୍ୟା ସୁଶ୍ରୀ କୁମାର ସାହୁ, ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ବୁକ ପ୍ରତିନିଧି ଦୋମ୍ପାଳ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ସାମନ୍ତରାୟ, ସରକାରୀ ଓକିଲ କେଦାରନାଥ ସାହୁ, ମନୋଜ କୁମାର ମିଶ୍ର, ଶାଳପଡା ସରପଂଚ ସନ୍ତୋଷ କୁମାର ପଣ୍ଡା, ଚକ୍ରଧରପ୍ରସାଦ ସରପଂଚ ବିଜୟ କୁମାର ରଜ, ସମାଜସେବୀ ଅନିଲ କୁମାର ବୈଦ୍ୟୋପାଧ୍ୟାୟ, ପ୍ରମୋଦ କୁମାର ସାହୁ, କେନ୍ଦୁପଲ୍ଲୀ ସରପଂଚ ତାରେଶ୍ୱର ମାଝୀ, ସମିତି ସଭ୍ୟ ଦୀପକ କୁମାର ଜେନା, ଦେବାର୍ଚ୍ଚନ ଢାଲୁଆ, ଇଗରପାଡ଼ର ପଂଚାୟତର ପୂର୍ବତନ ସରପଂଚ କୈଳାସ ଜାଠୁଆ, ଅପର୍ଣା ପ୍ରଧାନ, ସୁରେଶ ପ୍ରସାଦ ରାଉତ, କୃଷ୍ଣଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, ଧାନତାଙ୍କଡ଼ା ପଂଚାୟତର ପୂର୍ବତନ ସମିତି ସଭ୍ୟ ଜୀମବେନ ସାମନ୍ତ, ଖାପୁର ବୁକ ଆମ୍ବା କମିଟର ଅଧ୍ୟକ୍ଷ ଶଶାଙ୍କଶେଖର ରାଉତରାୟଙ୍କ ସମେତ ସମାଜସେବୀ, ଏକାଧିକ ବୁଦ୍ଧିଜୀବୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ରହି ମହୋତ୍ସବକୁ ନିଜନି ସଫଳ ସୁନ୍ଦର କରାଯାଇ ପାରିବ ସେ ନେଇ ମତ ଦେଇଥିଲେ । ସମାଜସେବୀ ପଂଚାନନ ମହାପାତ୍ର ବୈଠକରେ ସଂଯୋଜନା କରିଥିଲେ । ଉତ୍କର୍ଷ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସଫଳତା ନେଇ କମିଟିର କାର୍ଯ୍ୟକର୍ତ୍ତାମାନେ ଭାପୁର ବୁକ ଅଂଚଳବାସୀଙ୍କ ସକ୍ରିୟ ସହଯୋଗ କାମନା କରିଥିବା ଜଣାଯାଇଛି ।

ପାରାଦୀପ ଲକ୍ ଥାନାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ



ପାରାଦୀପ, ୧୮/୧୧ (ଆ.ପ୍ର) : ପାରାଦୀପ ଲକ୍ ଥାନାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣ୍ୟାକୁ ଆଇ କୁିନିକ୍ ସହଯୋଗରେ ପାରାଦୀପ ଲକ୍ ଥାନା ପରିସରରେ ଏହି ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚକ୍ଷୁ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଏବଂ ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା । ଶିବିରରେ ପାରାଦୀପ ଲକ୍ ଥାନା ଅଧିକାରୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀ, ଅନ୍ୟାନ୍ୟ ବାହୁଡ଼ିମାନେ ଅଂଶଗ୍ରହଣ କରି ଚିକିତ୍ସା ଉଦ୍ଦେଶ୍ୟ ଠାରୁ ଚକ୍ଷୁ ପରୀକ୍ଷା ସୁବିଧା ସହ ଆଖିର ମନ୍ଦ ନେତା ସମ୍ବନ୍ଧୀୟ ମୌଳିକ ପରାମର୍ଶ ପାଇଥିଲେ । ସାମୁଦାୟିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ଦିଗରେ ଅଗ୍ରଣ୍ୟାକୁ ଆଇ କୁିନିକ୍ର ସହଯୋଗ ଏବଂ ଅବଦାନ ପାଇଁ ଜଗତସିଂହପୁର ପୋଲିସ ଧନ୍ୟବାଦ ଜଣାଉଛି ।

ଜିଲ୍ଲାସ୍ତରୀୟ ବିକଶିତ ଭାରତ ଆହ୍ୱାନ ପଥ କାର୍ଯ୍ୟକ୍ରମ ଅନୁଷ୍ଠିତ



ଖୋରଧା, ୧୮/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଉତ୍ତରପୁର ଜିଲ୍ଲା କ୍ରୀଡ଼ା ବିଭାଗ ଅନୁକୂଳ୍ୟରେ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗାତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଆହ୍ୱାନ ପଥ ପି ପି ଟି ପ୍ରତିଯୋଗିତାରେ ବିକିନ୍ଦୁ ଶିକ୍ଷା ଅନୁଷ୍ଠାନ ଏବଂ ବିକିନ୍ଦୁ ବର୍ଗର ଯୁବ ସେୋଗୀଙ୍କୁ ନେଇ ଜିଲ୍ଲା ପାନଳ କାର୍ଯ୍ୟାଳୟ ଜୟୀରାଜୁରୁ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଜୁରୀ ମେମ୍ବର ଭାବେ ସାଧାରଣ ପରିଚାଳକ, ଜିଲ୍ଲା ଶିକ୍ଷ କେନ୍ଦ୍ର ସମୁଚିତା ମଲ୍ଲିକ,ଡ଼ଃ ସଞ୍ଜୀବ ଦୁବୁରୁଆ ଏବଂ ଡ଼ଃ ମୌସୁମୀ ଦାସ ଯୋଗଦେଇଥିବା ବେଳେ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଂଚମ ଏବଂ ଷଷ୍ଠ ସ୍ଥାନରେ ଯଥାକ୍ରମେ ବାଣିଷି ବିଶ୍ୱାଳ, ଅକ୍ଷୟ ପ୍ରଧାନ, ରାଜଶ୍ରୀ ରଣା, ଶ୍ରୁତାଶ୍ରୀ ପାଣିଗ୍ରାହୀ, ରୁଦ୍ରମାଧବ ସାହୁ ଏବଂ ମେଘନା ବଳିୟାର ସିଂହ ଉତ୍ତୀର୍ଣ୍ଣ ହୋଇଥିଲେ ଶ୍ର ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ କୁମାର ବେହେରା, ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା କ୍ରୀଡ଼ା ଂଗଠନ କର୍ମକର୍ତ୍ତା, କ୍ରୀଡ଼ା ପ୍ରେମୀ ସହଯୋଗ କରିଥିଲେ ।

ଘୂର୍ଣ୍ଣିଝଡ଼ 'ଆକଭାନ' ପ୍ରଭାବ: ବାଲିଗୁଡାରେ ୩ଦିନ ସ୍କୁଲ ଓ ଅଙ୍ଗନଓ୍ୱାଡି ବନ୍ଦ

ବାଲିଗୁଡା, ୧୮/୧୧ (ଆ.ପ୍ର) : ସମ୍ଭାବ୍ୟ ଘୂର୍ଣ୍ଣିଝଡ଼ 'ଆକଭାନ'ର ଦୃଷ୍ଟିରେ ରଖି ଛାତ୍ରଛାତ୍ରୀ ଓ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଗାଭ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏନେଇ ଓଡ଼ିଶା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍.ଆର୍.ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୧୮ ତାରିଖରେ ଚିଠି ନଂ. ୬୯୭୬/ଆର୍.ଆଣ୍ଡ୍. ଡିଏମ୍. (ଡିଏମ୍) ଜରିଆରେ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ନିର୍ଦ୍ଦେଶ ଅନୁଯାୟୀ, ବାଲିଗୁଡା ଉପଖଣ୍ଡ ର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ସମେତ ସମସ୍ତ ଅଙ୍ଗନଓ୍ୱାଡି କେନ୍ଦ୍ର ଆସନ୍ତା ନଭେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବନ୍ଦ ରହିବ । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଛାତ୍ରଛାତ୍ରୀ ଓ ଜୋମଜମତି ଶିଶୁମାନଙ୍କ ଯାତାୟାତ ଏବଂ ସୁରକ୍ଷାକୁ ଅଗ୍ରଧିକାର ଦେଇ ଏହି ନିଷ୍ପତ୍ତି ନିଆଯାଇଛି । ଅନ୍ୟ ପକ୍ଷରେ, ଜିଲ୍ଲାର ପାଣିପାଗ ଓ ସ୍ଥାନୀୟ ପରିସ୍ଥିତି ଉପରେ ଜିଲ୍ଲାପାଳମାନେ ନିରନ୍ତର ନଜର ରଖିବେ । ଆବଶ୍ୟକ ପଡ଼ିଲେ ନଭେମ୍ବର ୨୧ ପରେ ମଧ୍ୟ ଛୁଟି ଅବଧି ବୃଦ୍ଧି କରିବା ନେଇ ଜିଲ୍ଲାପାଳ ଉପଯୁକ୍ତ ନିଷ୍ପତ୍ତି ନେଇ ପାରିବେ । ଏଥିସହ ସ୍ଥାନୀୟ ପରିସ୍ଥିତିକୁ ଆଧାର କରି ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡି କେନ୍ଦ୍ର ଖୋଲିବା କିମ୍ବା ବନ୍ଦ ରଖିବା ସମ୍ପର୍କରେ ମଧ୍ୟ ଜିଲ୍ଲାପାଳମାନେ ନିଷ୍ପତ୍ତି ନେବେ । ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଓ ପ୍ରସ୍ତୁତି ଜାରି ରହିଥିବା ବେଳେ ସାଧାରଣ ଲୋକେ ମଧ୍ୟ ପ୍ରଶାସନର ନିର୍ଦ୍ଦେଶ ମାନିବା ସହ ସତର୍କ ରହିବାକୁ ଅନୁରୋଧ କରାଯାଇଛି ।

ଦୁର୍ଦ୍ଦାନ୍ତ ୬ ଡକାୟତଙ୍କୁ ବାନ୍ଧିଲା ଚୌଦ୍ୱାର ପୋଲିସ



ଟାଙ୍ଗୀ ଚୌଦ୍ୱାର, ୧୮/୧୧ (ଆ.ପ୍ର) : ଚୌଦ୍ୱାର ଥାନା ଅଧିନ ଅଲାରପୁର-ଡଗରା ସାହି ଗ୍ରାମର କେନାଲ୍ ଗୋଡ୍ ନିକଟରେ ଥିବା ଏକ ପରିତ୍ୟକ୍ତ ଛପର ଘରେ ୫ରୁ୬ ଜଣ ସନ୍ଦିଗ୍ଧ ବ୍ୟକ୍ତି ଏକତ୍ରିତ ହୋଇ ନଖରା ପେଟ୍ରୋଲ ଟାଙ୍କିରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ଅଭିଯୋଗ ହୋଇଥିଲା । ଏହି ସୂଚନା ଆଧାରରେ, ଚୌଦ୍ୱାର ଥାନା ଅଧିକାରୀ (ଆଇ.ଆଇ.ସି) ବିକାଶ କୁମାର ସେଠିଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର ପୋଲିସ ସେଠାରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଘଟଣାସ୍ଥଳରୁ ୬ ଜଣ ଦାଗ୍ଡିକୁ ଧରାଯାଇଥିଲା, ଅଭିଯୁକ୍ତ ମାନେ ହେଲେ ପବନ କୁମାର ପୁରାଣ, ଲକ୍ଷ୍ମଣ ପଣ୍ଡା, ବିଶ୍ୱଜିତ ଉପାଧ୍ୟାୟ, ମାନସ ସେଠା, ସୌମ୍ୟ ରଞ୍ଜନ ସ୍ୱାଇଁ ଏବଂ ମିଲୁ ରାଉତ । ତଲାସୀ ବେଳେ ସେମାନଙ୍କ ନିକଟରୁ ୫ଟି ମୋଟରସାଇକେଲ, ୨ଟି ଲୁହା ରଡ୍, ଗୋଟିଏ ଲୁହା ଖଡଜ, ଗୋଟିଏ ଲୁହା ରୁଲ୍, ଗୋଟିଏ ବୁଲାଇ, ପ୍ରାୟ ୫୦୦ ଗ୍ରାମ ଉଜା ସୁଖ, ଗୋଟିଏ ସେଲ୍ ମ୍ୟାପ୍ (ନକ୍ସା), ୬ଟି ଖାଲି ବିସ୍ତର ବୋତଲ, ୬ଟି ମୋବାଇଲ୍ ଫୋନ୍ ଓ ୨,୧୦୦ ଟଙ୍କା ଜବତ କରାଯାଇଥିଲା । ପରବାଡଗଡ଼ା ବେଳେ, ସେମାନେ ନଖରା ପେଟ୍ରୋଲ ପମ୍ପରେ ଡକାୟତି କରିବା ଉଦ୍ଦେଶ୍ୟରେ ସେଠାରେ ଏକତ୍ରିତ ହୋଇଥିବା କଥା ସ୍ୱୀକାର କରିଥିଲେ । ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପରେ ସେମାନଙ୍କର ସଂପୃକ୍ତି ରହିଛି କି ନାହିଁ ଏବଂ ସେମାନଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଂଚ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ।

ବାଲିଗୁଡ଼ାରେ ଜୁଆ ଆଡ୍ଡା ଉପରେ ପୋଲିସର ବଡ଼ ଚଢ଼ାଉ: ୪ ଜୁଆଡ଼ି ଗିରଫ: ଟଙ୍କା ସହ ମୋବାଇଲ୍ ଓ ତାସ୍ ଜବତ




ବାଲିଗୁଡ଼ା, ୧୮/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ବେଆଇନ ଜୁଆ ଖେଳ ଓ ଜୁଆ ଆଡ୍ଡା ବିରୋଧରେ ପୋଲିସ ପକ୍ଷରୁ ଅଭିଯାନକୁ ତୋରଦାର କରାଯାଇଥିବା ବେଳେ ବାଲିଗୁଡ଼ା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ବାଲିଗୁଡ଼ା ସହରର ନୂଆସାହି ଅଂଚଳରେ ବାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଅତାକତ ଚଢ଼ାଉ କରି ୪ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ବିପୁଳ ପରିମାଣର ନଗଦ ଟଙ୍କା ସମେତ ମୋବାଇଲ୍ ଫୋନ୍, ତାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନୂଆସାହି ଅଂଚଳରେ ବେଆଇନ ଭାବେ ଜୁଆ ଖେଳ ବାଲିଥିବା ନେଇ ସୂଚନା ପାଇବା ପରେ ବାଲିଗୁଡ଼ା ପୋଲିସ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଜୁଆ ଖେଳରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ପୋଲିସ ହାତ୍ କରିବା ସହ ସେମାନଙ୍କ ନିକଟରୁ ନଗଦ ୧ ଲକ୍ଷ ୨୨ ହଜାର ୯୮୦ ଟଙ୍କା, ୩ଟି ମୋବାଇଲ୍ ଫୋନ୍, ତାସ୍ ଏବଂ ଗୋଟିଏ ପଲିଥିନ୍ ବ୍ୟାଗ୍ ଜବତ କରିଥିଲା । ଏହି ଘଟଣାକୁ ନେଇ ବାଲିଗୁଡ଼ା ଥାନାରେ ମାମଲା ନଂ- ୩୩୩ ୧/୨୬ ରେ ଓଡ଼ିଶା ପ୍ରିଭେନ୍ସନ୍ ଅଫ୍ ଗ୍ୟାମ୍ବିଂ ଆକ୍ଟର ଧାରା ୩ ଅନୁଯାୟୀ ମାମଲା ପଞ୍ଜୀକୃତ କରାଯାଇଛି । ଗିରଫ ୪ ଜଣଙ୍କ ବିରୋଧରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇଛି । ସହରରେ ଏଭଳି ବେଆଇନ ଜୁଆ ଆଡ୍ଡା ବାଲିବା ଘଟଣା ସାଧାରଣରେ ବିଭାଗ ବିଷୟ ପାଲଟିଛି । ଜୁଆ ଖେଳ ଯୋଗୁଁ ଅନେକ ପରିବାର ଆର୍ଥିକ ଓ ସାମାଜିକ ସମସ୍ୟାରେ ପଡୁଥିବା ବେଳେ ଯୁବପିଢ଼ି ମଧ୍ୟ ଏହାର କୁପ୍ରଭାବରୁ ବାଦ୍ ପଡୁନାଛାନ୍ତି । ଏଭଳି ସ୍ଥିତିରେ ବାଲିଗୁଡ଼ା ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ଏକ ସକାରାତ୍ମକ ପଦକ୍ଷେପ ରୂପେ ଦେଖାଯାଉଛି । ତେବେ କେଉଁ ଗୋଟିଏ ଜୁଆ ଆଡ୍ଡାରେ ବଡ଼ାଚ ଜରି ସାମିଲ ନ ରହି ସହର ଓ ଏହାର ଆଖପାଖ ଅଂଚଳରେ ଗଢ଼ି ଉଠୁଥିବା ଅନ୍ୟ ବେଆଇନ ଜୁଆ ଆଡ୍ଡାଗୁଡ଼ିକୁ ମଧ୍ୟ ଚିହ୍ନଟ କରି ଉଚ୍ଚେଦ କରିବା ନେଇ ସାଧାରଣରେ ଦାବି ହେଉଛି । ବାଲିଗୁଡ଼ା ପୋଲିସର ଏହି ଚଢ଼ାଉ ବେଆଇନ ଜୁଆ କାରବାର ରେ ସମ୍ପୃକ୍ତ ଲୋକଙ୍କ ପାଇଁ ଏକ କଡ଼ା ସତର୍କବାଣୀ ଠୋଲି ଚର୍ଚ୍ଚା ହେଉଛି । ଜୁଆ ଆଡ୍ଡା ବିରୋଧରେ ପୋଲିସର ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବା ନେଇ ଆଶା ପ୍ରକାଶ ପାଇଛି ।

ବ୍ରାଉନସୁଗାର ସହ ବାଇକ୍ ଓ ଦେଶୀମଦ ଜବତ



ଜଗତସିଂହପୁର, ୧୮/୧୧ (ଆ.ପ୍ର) : ଜଗତସିଂହପୁର ଥାନା ଅନ୍ତର୍ଗତ ଅତାଜଳ ଗ୍ରାମରୁ ଜଣେ ନିଶା ମାଫିଆଙ୍କୁ କାବୁ କରିଛି ଜଗତସିଂହପୁର ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୨୩ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଜଗତସିଂହପୁର ଥାନା ଅତାଜଳ ଗ୍ରାମର ସୋମନାଥ ସାହୁଙ୍କ ପୁତ୍ର ପବୁ ଲୋଚନ ସାହୁ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁଦାର ଜାଲ ବିଛାଇ ଥିଲା । ସବୁବେଳେ ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଆଜି ନିଜ ଘରୁ ତାକୁ ଅବକାରୀ ବିଭାଗ କାବୁ କରିନେଇଥିଲା । ଏକ ଗୁପ୍ତଚର ସୂତ୍ରରୁ ଏଥିର ଜରି ତାକୁ ଧରିବା ପାଇଁ ଜଗତସିଂହପୁର ଅବକାରୀ ଥାନାର ସବ- ଇନ୍ସପେକ୍ଟର ସାହାପ ପାଢୀଙ୍କ ନେତୃତ୍ୱରେ ଜଗତସିଂହପୁର ଅବକାରୀ ଥାନା ଓ ଜିଲ୍ଲା ଅବକାରୀ ଗ୍ରାମ୍ୟମାଣ ସଂସ୍ଥାର ଷାମାନଙ୍କୁ ନେଇ ଏକ ଟିମ ଗଠନ କରି ଅତାଜଳ ଗ୍ରାମ ଠାରେ ଛଦ୍ମ ବେଶରେ ଜଗି ରହିଥିଲେ । ଗୁପ୍ତଚର ସୂଚନାରେ ଅଭିଯୁକ୍ତ ଜଣେ ହେରୋଇନ୍ ଆଣି ଅତାମାନ ଛକରେ ପହଂଚିବାକ୍ଷଣି ପୂର୍ବରୁ ଛକି ରହିଥିବା ଅବକାରୀ ବିଭାଗର କର୍ମଚାରୀମାନେ ତାକୁ କାବୁ କରିନେଇଥିଲେ । ସାଂଚ ପରେ ତାଙ୍କ ନିକଟରୁ ୨୩ ଗ୍ରାମର ଗ୍ରାଉନସୁଗାର ଜବତ କରାଯାଇଥିଲା ଯାହାର ଆନୁମାନିକ ଜଳାଜଳୀ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ହେବାର ଶ୍ରୀ ପାଢୀ ଉଶମାଧମକୁ ଜହିଛନ୍ତି । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ଜଗତସିଂହପୁର ଅବକାରୀ ଥାନାର କେସ୍ ନଂ - ୧୧୯୨୦୨୬-୨୭ ରେ ମାମଲା ରୁଜୁ କରାଯାଇଥିବାବେଳେ ଆଜି ଏହି ଚଢାଉ ରେ ଜଗତସିଂହପୁର ଅବକାରୀ ଥାନାର ଏଏସ ଆଇ ଶୁଭଲଂଶୀ ସାହୁ, କନଷ୍ଟେବଳ ଅନୁରାଗ ପୂର୍ତ୍ତିଙ୍ଗଶୀ, ଜିଲ୍ଲା ଗ୍ରାମ୍ୟମାଣ ସଂସ୍ଥାର କନଷ୍ଟେବଳ ବିଶ୍ୱଜିତ ମୁଖି, ସୁକାନ୍ତ ମାଝୀ, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ । ଜଗତସିଂହପୁର ଅଂଚଳରେ ହେରୋଇନ୍ ବ୍ୟବସାୟକୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ବାଢିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକାରୀ ଶ୍ରୀମତୀ ଅଦିତୀ ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆସୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟ୍ ସହ ନିର୍ଖାତେପାରୀଙ୍କୁ ଜେରାରେ ପଚାରିବାକୁ ଅଂଚାଡିଛି ଅବକାରୀ ବିଭାଗ ।

ଗୁଣପୁରରେ ଆସନ୍ତା ୧୮ରୁ ୨୨ ଯାଏଁ ଚବିଶ ପ୍ରହର ନାମଯଜ୍ଞ ମହୋତ୍ସବ



ଗୁଣପୁର, ୧୮/୧୧ (ଆ.ପ୍ର) : ଗୁଣପୁର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆସନ୍ତା ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଚବିଶ ପ୍ରହର ନାମଯଜ୍ଞ ମହୋତ୍ସବ ଆୟୋଜିତ ହେବ । ଏହି ଧାର୍ମିକ ମହୋତ୍ସବକୁ ନେଇ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଚବିଶ ପ୍ରହର ନାମଯଜ୍ଞ ମହୋତ୍ସବ ପରିଚାଳନା ସମିତି, ଗୁଣପୁର ପକ୍ଷରୁ ଆଜି ଗଙ୍ଗା ଆବାହନ ନିମନ୍ତେ ଏକ ଉତ୍ସବ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ଗୁଣପୁର ସହରର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ହରିନାମ ସଂକୀର୍ତ୍ତନ ଓ ଭଜନ କୀର୍ତ୍ତନରେ ସମସ୍ତ ପରିବେଶ ଭକ୍ତିମୟ ହୋଇଉଠିଥିଲା । ଏହି ପବିତ୍ର ନାମଯଜ୍ଞ ମାଧ୍ୟମରେ ଅଂଚଳର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରାଯିବ । ମହୋତ୍ସବକୁ ସଫଳ କରିବା ପାଇଁ ପରିଚାଳନା ସମିତି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି ।

ସମ୍ଭାବ୍ୟ ବାତ୍ୟା 'ଅକଭାନ' ମୁକାବିଲା ନେଇ ଜଗତସିଂହପୁର ଜିଲ୍ଲାର ସ୍ୱତନ୍ତ୍ର ଅଧିକାରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଜଗତସିଂହପୁର, ୧୮/୧୧ (ଆ.ପ୍ର) : ଆଜିସମ୍ଭାବ୍ୟ ବାତ୍ୟା 'ଅକଭାନ'ର ସମ୍ଭାବ୍ୟ ମୁକାବିଲା ତଥା ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ଭାବେ ଯାମିନୀ ଖଣ୍ଡଙ୍କା (ଆଇଏଏସ୍) ଓଡ଼ିଶା ସରକାରଙ୍କ ବାଣିଜ୍ୟ କର ଏବଂ ଜିଏସଟି କମିଶନର ଆଜି ଜଗତସିଂହପୁର ଜିଲ୍ଲାରେ ପହଂଚି ଜିଲ୍ଲାପାଳ ତଥା ସମସ୍ତ ବରିଷ୍ଠ ଅଧିକାରୀ, ପାଇଁ



ଶ୍ରୀଜଗନ୍ନାଥ ଆରମ୍ଭ

SEITHO ARAMBHA



ଗୁରୁବାର, ୧୯ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବାଲି ଚୋରା ଚାଲାଣ ସିଣ୍ଡିକେଟରେ ସାମ୍ବାଦିକ, ବାଲି ସହ ୪ଟ୍ରାକ୍ଟର ଧରିଲେ ଏସଡିପିଓ

କୋରାପୁଟ, ୧୮/୧୧ (ଆ.ପ୍ର) : କୋରାପୁଟ ଜିଲ୍ଲା ନାରାୟଣପାଟଣା ଅଂଚଳର ଡିଙ୍ଗିନ୍ ନଦୀରୁ ବେଆଇନ ଭାବରେ ଚାଲିଛି ବାଲି ଚୋରା ଚାଲାଣ । ଏହି ଚୋରାଚାଲାଣ ରେ ଏକ ସିଣ୍ଡିକେଟ କାମ କରୁଛି । କିଛି ପ୍ରଶାସନିକ ଅଧିକାରୀ, ସାମ୍ବାଦିକ ଓ ଖଣି ଅଧିକାରୀଙ୍କ ସଉଜୁଡରେ ଚାଲିଛି ବାଲି ଚୋରା ଚାଲାଣର ସିଣ୍ଡିକେଟ । ଜଣେ ସାମ୍ବାଦିକ ନିଜକୁ ଏକ ଟ୍ରାକ୍ଟର ସଙ୍ଗର ସଭାପତି କହି କିଛି ଟ୍ରାକ୍ଟର ମାଲିକଙ୍କୁ ଆତରେ ରଖି ମାସିକିଆ ବଡି ଫୋନ ପେ ରେ ନେଇ ଅଧିକାରୀଙ୍କ ସଂପତ୍ତିରୁ ଜଣି ରଖ ଲକ୍ଷ ଟଙ୍କା ହରି ଲୁଟ୍ କରାଯାଉଛି । ବୁକରେ ଛେଣ୍ଡି ବାଲି ରଖ ନଥିବା ବେଳେ ଏଠାରେ ଛେଣ୍ଡି ବାଲି ଟ୍ରଠକୁ ଜିଜ୍ଞ ଦିଆଯାଉଛି । ଏହି ସିଣ୍ଡିକେଟ ବିରୋଧରେ ସାହେବ ସିଂ ନାମକ ଜଣେ ସମାଜସେବୀ ମୁଖ୍ୟମନ୍ତ୍ରୀ, ବିଜାଗୀୟ ଖଣି ମନ୍ତ୍ରୀ, ଖଣି ସଚିବ ଓ କୋରାପୁଟ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିବା ପରେ, ବାଲି ଚୋରା ଚାଲାଣ ସିଣ୍ଡିକେଟକୁ ଧରିବାକୁ ଧରପଗଡ ହୋଇଛି ପୋଲିସ ପ୍ରଶାସନ । ଗତ କିଛି ବର୍ଷ ଧରେ। ବାଲି ଉତ୍ତ ଗୁରିବ ର ବାରିତ୍ୱ ତହସିଲ ବିଜାଗ ଠାରୁ ନିଆଯାଇ ଖଣି ବିଜାଗକୁ ବାରିତ୍ୱ ଦିଆଯାଇଛି, କିନ୍ତୁ ବିଜାଗୀୟ ଖଣି ବିଜାଗ ର ନିରବ ଦ୍ରଷ୍ଟା ଓ ନିରିହୀ ଜାରଦାର ଯୋଗୁଁ ଗତ କିଛି ଦିନ ଧରେ। ପୋଲିସ ବାଲି ଗାଡି ଗୁଡିକ କୁ ଜବତ କରୁଥିବା ବେଳେ ଖଣି ବିଜାଗର କାର୍ଯ୍ୟକୁ ନେଇଁ ଉଠିଛି ବହୁ ପ୍ରଶ୍ନ...ଗତ ଜାନି ଲକ୍ଷ୍ମୀପୁର ଏସଡିପିଓ ମନୋଜ ବେହେରା ଟାଗେଟି ବାଲି ବୋଝେ ଟ୍ରାକ୍ଟରକୁ ଗୋଡାଇ ଗୋଡାଇ ଜବତ କରିବା ସହ ଦଣ୍ଡା ବାଡି ଘାଁ ଝଞ୍ଜାବତୀ ନଦୀ ନିକଟରେ ଥିବା ଏକ ବେଆଇନ ଭାବେ ଇଟା ଫେକ୍ଟ୍ରିରେ ଗଛିତ ଥିବା ବାଲିକୁ ଜବତ କରିଛନ୍ତି । ଟ୍ରାକ୍ଟର ଗୁଡିକକୁ



ଥାନାରେ ରଖି ଖଣି ବିଜାଗକୁ ଜିମା ଦିଆଯାଇଛି । ଅନ୍ୟ ପକ୍ଷରେ ଲକ୍ଷ୍ମୀପୁର ନାରାୟଣପାଟଣା ର ବହୁଟାଁ ବାରିତ୍ୱରେ ଥିବା ଜଣେ ଖଣି ଅଧିକାରୀଙ୍କ କାର୍ଯ୍ୟ ଶୈଳୀକୁ ନେଇଁ ସନ୍ଦେହ ହେବା ପରେ ଜୟପୁର ଫେୁଟି ଜାରଜେରୁର ମାନ୍ୟକୁ ବାଲି ଜବତ ବିଷୟରେ ସୂଚନା ଦିଆଯିବା ପରେ ଜୟପୁରରୁ ଅଧିକାରୀ ମାନେ ଆସି ଆଜି ନାରାୟଣପାଟଣା ଥାନାରେ ବାଲି ଟ୍ରାକ୍ଟର ଗୁଡିକର ମାପ ଜୁପ କରିବା ସହ ଇଟା ଫେକ୍ଟ୍ରି ରେ ମଧ୍ୟ ଯାଂଚ କରିଛନ୍ତି । ଟ୍ରାକ୍ଟର ମାଲିକ, ଡ୍ରାଇଭର ଓ ଇଟା ଫେକ୍ଟ୍ରିର ମାଲିକଙ୍କ ନାମରେ କେସ ଦାୟର ହୋଇଛି । ନାରାୟଣପାଟଣାର ସାହେବ ସିଂ ନାମକ ବ୍ୟକ୍ତି ଗୁରୁତ୍ୱର ଅଭିଯୋଗ ଆଣିବା ସହ ଏକ ପ୍ରତିଷ୍ଠିତ ଗଣ ମାଧ୍ୟମରୁ ତଡା ଖାଇଥିବା ଗିରିଧର ଖରା ନାମକ ଯୁବକ କେମିତି ନିଜକୁ ନାରାୟଣପାଟଣାର ଜଣେ ଅନ୍ଧକାରୀଙ୍କୁ ମାସିକ ଟଙ୍କା ଦିଆ ଯାଇଛି ସେଣ୍ଟୁ ଚୌଣସି ପ୍ରକାର ଉଲ୍ଲ ନକରି ନଦୀରୁ ବାଲି ଉଠାଅ ବୋଲି କହିବା ଅଡିଓ, ଫୋନ ପେ ଟ୍ରାଞ୍ଜେକ୍ସନ ଲିଷ୍ଟ ମଧ୍ୟ ପ୍ରଦାନ କରାଯାଇଛି । ନାରାୟଣ ପାଟଣାରେ ବୌଣସି ରେଜିଷ୍ଟ୍ରେଡ୍ ଟ୍ରାକ୍ଟର ସଂଘ ନଥିବା ବେଳେ ଗିରିଧର ଖରା କମିଟି ସଭାପତି ହେଉ ଓ ନିଜକୁ ବାଲି ମାଫିଆ ସାବିହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷ ରେ ନାରାୟଣ ପାଟଣା ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିବେ ମଧ୍ୟ ସେ ଫୋନ ରିସିଭ କରି ନଥିବାରୁ ମତାମତ ମିଳି ପାରିନାହିଁ । ସେଥି କାର୍ଯ୍ୟ କରିବା ସକାଶେ ଖଣି ବିଜାଗ କୁ ଦାୟିତ୍ୱ ଦିଆଯାଇଛି ତାହା ଖଣି ବିଜାଗ କିମ୍ବା ତହସିଲ କାର୍ଯ୍ୟାଳୟ ତରଫରୁ କରାଯିବା ଉଚିତ ତାହା ପୋଲିସ ତରଫରୁ କରା ଯାଉଥିବା ବେଳେ ଅନ୍ୟ ମାନଙ୍କର କାର୍ଯ୍ୟ ଶୈଳୀକୁ ନେଇଁ ଉଠିଛି ବହୁ ପ୍ରଶ୍ନ...ନାରାୟଣ ପାଟଣା ବଣ୍ଡାଡାଡି ନଦୀରୁ ନିତି ଦିନ ସହ ସହ ଟ୍ରିପ ବାଲି ଚାଲାଣ ହଉଥିବା ବେଳେ ନଦୀ ନିକଟରେ ରହିଥିବା ଏକ ଇଟା ଫେକ୍ଟ୍ରି କୁ ଗଲା ବାଟ ବେଳ ବାଲି ଚାଲାଣ କରାଯାଉଛି, ସେଇ ଇଟା ଫେକ୍ଟ୍ରିରୁ ରାତା ରାତି ବାଲି ଚାଲାଣ ହଉଥିବା ନେଇଁ ସାମ୍ବାଦିକ ସମ୍ବିଳନୀ ରେ ଏସଡ଼ିପିଓ ସୂଚନା ଦେଇଛନ୍ତି । ଝଞ୍ଜାବତୀ ନଦୀରୁ ବେଆଇନ ଭାବେ ବାଲି ତଉ। ଯାଉଥିବା ବେଳେ ଛଟି ବେଳ ଥାନାରେ ମାମଲା ରୁଜାଯାଇ ଅରିଯୁକ୍ତ ମାନଙ୍କୁ ଜୋର ଚାଲାଣ କରାଯାଉଛି, ତଥାପି ପ୍ରତ୍ୟହ ଦିନ ବେଆଇନ ବାଲି ଚାଲାଣ ଯୋଗୁଁ ରାଜ୍ୟ ସରକାର ବିପୁଳ ପରିମାଣରେ ରାଜସ୍ୱ ହରାଉ ଥିବା ଜଣା ପଡିଛି ।

ଯୁବ ଯାଦବ ମହାସଭା ତରଫରୁ ସୌର୍ଯ୍ୟ ଦିବସ ପାଳିତ

ଉତ୍ତକ, ୧୮/୧୧ (ଆ.ପ୍ର) : ସୌର୍ଯ୍ୟ ଦିବସ ହେଉଛି ବୀରତ୍ୱ, ସାହସ ଓ ଆତ୍ମତ୍ୟର ପ୍ରତୀକ । ଏହି ଦିବସ ଆମକୁ ସାହସିକତାର ମନ୍ତ୍ର ବୁଝାଇଥାଏ ।ଦେଶ ଓ ସମାଜର ସୁରକ୍ଷା ପାଇଁ ସାହସିକତା ଅତ୍ୟନ୍ତ ଆବଶ୍ୟକ । ବୀରତ୍ୱ ହେବକ ଯୁଦ୍ଧକ୍ଷେତ୍ରରେ ନୁହେଁ, ମାନବ ସେବାରେ ମଧ୍ୟ ପ୍ରତିଫଳିତ ହୁଏ । ସାହସୀ ବ୍ୟକ୍ତି ଜେତେ ବିପଦକୁ ଭୟ କରେ ନାହିଁ । ଜୀବନର ପ୍ରତ୍ୟେକ ସଂଘର୍ଷରେ ସାହସ ହିଁ ଆମର ପ୍ରକୃତ ଶକ୍ତି । ଯାଦବ ବୀର ସୈନିକ ମାନଙ୍କ ତ୍ୟାଗ ଓ ବଳିଦାନ ଆମ ପାଇଁ ଚିରସ୍ମରଣୀୟ । ସେହିଭଳି ଏକ ଉଦାହରଣ ପାଇଲିଙ୍ଗି ବୀର ଯାଦବ ସୈନିକ ମାନେ କିପରି ବାରତ୍ୱର ସହିତ ୧୯୬୨ ମସିହାରେ ଚୀନ



ସୈନିକଙ୍କ ସହିତ ରେଜଙ୍ଗଲା ଠାରେ ଲଢି ସେମାନଙ୍କୁ ପରାସ୍ତ କରିବା ସହିତ ଦେଢେଇ ଦେଶ ପାଇଁ ସହିଦ ହୋଇଥିଲେ, ସତ୍ୟ, ନ୍ୟାୟ ଓ ଧର୍ମର ପଥରେ ଚାଲିବା ହିଁ ପ୍ରକୃତ ସାହସ । ଏହି ଦିବସ ଯୁବପିଢ଼ିଙ୍କ ମନରେ ଦେଶପ୍ରେମ ଓ ସାହସିକତା ଜାଗ୍ରତ କରେ । ଆତ୍ମସ୍ୱ, ସାହସ, ଶୌର୍ଯ୍ୟ ଓ ତ୍ୟାଗର ଆଦର୍ଶକୁ ଜୀବନରେ ଆପଣେଇବା ହୋଇ ଆଜି ଦୁଧବାର ଉତ୍ତକ ସହରର ମଠ ସାହି ଯାଦବ ଭବନ ଠାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ, ନରବିନାରାୟଣ ଖୁଣ୍ଟାଙ୍କର ସଭାପତିତ୍ୱରେ ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବ ଥିବା ବେଳେ, ମୁଖ୍ୟବକ୍ତା ଭାବେ ରାଜ୍ୟ ଜଳୁକ ଯାଦବ ଉପସଭାପତି ହରେକୃଷ୍ଣ ପଲେଇ, ସମ୍ମାନିତ ଅତିଥି ଭାବେ ଯୁବ ଉପସଭାପତି ସଂଜୀବ ନାୟକ, ସାଧୁ ଚରଣ ବାରିକ, ଅକ୍ଷୟ ବେହେରା, ଆକାଶ ବାରିକ ପ୍ରମୁଖ ଯୋଗଦେବ ଥିଲେ ।

ବିଜ୍ଞାନ ଓ ଗଣିତରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନ, କୃତୀ ପ୍ରତିଯୋଗୀ ସମ୍ମାନିତ

ଜୟପାଟଣା, ୧୮/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ବଡକର୍ଲାକୋଟସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ଗଣିତ-ବିଜ୍ଞାନ ମଞ୍ଚତ୍ତୀ ସହିତ କୃଷ୍ଣରଣ୍ଡାୟ ବିଜ୍ଞାନ ପ୍ରଦର୍ଶନୀ ଉଘାଡ଼ ଓ ଉତ୍ସାପନାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜୟପାଟଣା ଏବିଇଓ ମାଧବ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏବିଇଓ ଲଳିତ କୁମାର ନାଏକ, ସାମ୍ବାଦିକ ରାଜୁପାହାଡ଼, ସମାଜସେବୀ ଭୁବନେଶ୍ୱର ରଣା, ସାଜ ପୁଷ୍ପାଗୀ ପ୍ରମୁଖ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧାର୍ଥ କୁମାର ମିଶ୍ର, ଏସ୍‌ଏମ୍‌ସି ସଭାପତି ଲୋକନାଥ ରଣା, ବଡକର୍ଲାକୋଟ ସିଆରସିସି, ବଡକର୍ଲାକୋଟ ପ୍ରଧାନ ଶିକ୍ଷକ ବିହାରୀ ମୁର୍ମୁ ଏବଂ ଏସ୍‌ଏମ୍‌ସି ସଦସ୍ୟ ଉତ୍ତର ରଣା ସମ୍ମାନିତ ଅତିଥି



ଭାବେ ଯୋଗଦେଇଥିଲେ । ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜର ବିଜ୍ଞାନ ପ୍ରକଳ୍ପ, କାର୍ଯ୍ୟକ୍ଷମ ମଡେଲ୍ ଓ ଅଭିନବ ଚିନ୍ତାଧାରା ଉପସ୍ଥାପନ କରିଥିଲେ । ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା ଓ ଉଦ୍ଭାବନୀ ଚିନ୍ତାଧାରାର ବିକାଶ ପାଇଁ ଏକ ଉତମ ମଂଚ ସୃଷ୍ଟି କରିଥିବା । ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନେ ହେଲେ - ସର୍ବଶ୍ରେଷ୍ଠ ଅଭିନବ ଚିନ୍ତାଧାରା : ଓଲିଏଣ୍ଡି, ଚଂଚଳପଡ଼ାର ଅଷ୍ଟମ ଶ୍ରେଣୀର ଛାତ୍ରୀ ଭାବମିଳା ସିଂହ, ସର୍ବଶ୍ରେଷ୍ଠ କାର୍ଯ୍ୟକ୍ଷମ ମଡେଲ୍ : ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡକର୍ଲାକୋଟର ଷଷ୍ଠ ଶ୍ରେଣୀର ଛାତ୍ରୀ ସୋନମ୍ ନାଗ, କାର୍ଯ୍ୟକ୍ରମରେ ମଂଚ ପରିଚାଳନା ଉତ୍ତର କୁମାର ମାଝୀରା କରିଥିବା ବେଳେ ଅଭିନିତ୍ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଏଭଳି ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ କୁଜୁରିତ ପ୍ରତିଭାର ବିକାଶ ସହ ଉଚ୍ଚିଷ୍ଟାତରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ମିଳିପାରିବ ବୋଲି ମତ ପ୍ରକାଶ ପାଇଥିଲା ।

ରାସନ କାର୍ଡରେ ନାମ ସଂଯୋଗରେ ଅନିୟମିତତା ଅଭିଯୋଗ

ପାରାଦୀପ, ୧୮/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଯୋଗାଣ ବିଜାଗରେ ରାସନ କାର୍ଡରେ ନାମ ସଂଯୋଗ ରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ବ୍ଲକ ଯୋଗାଣ ଅଧିକାରୀ ଟଙ୍କା ନେଇ ରାସନ କାର୍ଡରେ ନାମ ସଂଯୋଗରେ ଅନିୟମିତତା କରିଥିବା ଭାଗଚାଷୀ ସଦସ୍ୟ ସଂଜୟ କୁମାର ମୁଦୁଲି । ବିଜାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିବା ପତ୍ରରେ ଏଚ୍ଚସମା ବ୍ଲକର କେତେକ ନିର୍ବିଷ୍ଟ ପଂଚାୟତରେ ନାମ ସଂଯୋଗ ଅନିୟମିତତା କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ନାମ ସଂଯୋଗ କରିବାକୁ ମୋଟା ଅଙ୍କର ଟଙ୍କା ନେଇ ନାମ ସୁଦ୍ଧିକ ସଂଯୋଗ କରାଯାଇଛି । କାର୍ଡ ପିଛା ଦୁଇ ହଜାର ତିନି ହଜାରରୁ ଉର୍ଦ୍ଧ ଟଙ୍କା ନେଇ ନାମ ସଂଯୋଗ କରାଯାଇଛି । ଏ ବିଷୟରେ ଏରସମା ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି । ଏହି ଅଭିଯୋଗକୁ ନେଇ ଚଢ଼ିଓ ତଡଉଡ଼ ବେହେରାଙ୍କୁ ଅବଗତ କରାଯାଇଛି । ତିଡିଓ ଯେତେବୁ ଶିଘ୍ର ଦିନ ଦେଲା ନୂତନ ଭାବେ ବୁକକୁ ଆସିଥିବାରୁ ସେ ଏଥାଉପରେ ତଦନ୍ତ କରି ଗଣମାଧ୍ୟମରେ ପ୍ରକାଶ କରିବେ ବୋଲି କହିଛନ୍ତି ।

ବାତ୍ୟା ଆଶଙ୍କାରେ କୁଆଁରିଆ ଡ୍ୟାମ୍‌ର ଖୋଲିଲା ଗେଟ୍

ଦଶପଲ୍ଲା, ୧୮/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଦଶପଲ୍ଲାର କୁଆଁରିଆ ଜଳଭଣ୍ଡାରକୁ ଜଳ ନିଷ୍କାସନ ପାଇଁ ଆଜି ଅପରାହ୍ନରେ ଡ୍ୟାମ୍‌ର ଗେଟ୍ ଖୋଲାଯାଇଛି । ଜନସାଧାରଣଙ୍କ ସୁରକ୍ଷା ଓ ସମ୍ଭାବ୍ୟ ବିପଦର ମୁକାବିଲା ଉଦ୍ଦେଶ୍ୟରେ ଜଳସେଚନ ବିଜାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସୂଚନା ଅନୁଯାୟୀ, ଦଶପଲ୍ଲା ସମେତ ଡ୍ୟାମ୍‌ର ଉପମୁଣ୍ଡ ଓ ଆଖପାଖ ଅଂଚଳରେ ଲଗାଣ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ଅଧିକ ପରିମାଣର ଜଳ ପ୍ରବେଶ କରୁଛି । ଆଉକୁ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ଆଶଙ୍କା ଥିବାରୁ ଜଳଭଣ୍ଡାରର ଜଳସ୍ତର ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଗେଟ୍ ଖୋଲି ଜଳ ନିଷ୍କାସନ କରାଯାଇଛି । ଅନ୍ୟପକ୍ଷରେ, ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ଡ୍ୟାମ୍‌ର ନିମ୍ନମୁଣ୍ଡ ଓ ନିକତବର୍ତୀ ଅଂଚଳର ଗ୍ରାମବାସୀଙ୍କୁ ସତର୍କ ରହିବାକୁ ପ୍ରଶାସନ ଓ ଜଳସେଚନ ବିଜାଗ ପକ୍ଷରୁ ସୂଚନା ଦିଆଯାଇଛି । ଜଳ ପ୍ରବାହିତ ହେଉଥିବା ନଦୀ ଓ ନାଳ ମଧ୍ୟକୁ ନଯିବା ସହ ଜଳସ୍ତର ଉପରେ ନଜର ରଖିବାକୁ ଅଂଚଳବାସୀଙ୍କୁ ସତେତନ କରାଯାଇଛି । ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଜାରି ରହିଛି ।



ଟିମନପୁର ଆଶ୍ରମ ସ୍କୁଲରୁ ନିଖୋଜ ଛାତ୍ର ପରିତ୍ୟକ୍ତ ଶୌଚାଳୟରୁ ଉଦ୍ଧାର,

ବିନାପାଲି, ୧୮/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଟିମନପୁର ଆଶ୍ରମ ସ୍କୁଲରେ ଜଣେ ୧୦ ବର୍ଷୀୟ ଛାତ୍ର ନିଖୋଜ ହେବା ଏବଂ ପରବର୍ତୀ ସମୟରେ ଏକ ପୁରୁଣା ପରିତ୍ୟକ୍ତ ଶୌଚାଳୟରୁ ତାହାର ଉଦ୍ଧାର ହେବା ଘଟଣାକୁ ନେଇ ଶିକ୍ଷାନୁଷ୍ଠାନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି । ଘଟଣାର ଗମ୍ଭୀରତାକୁ ବୁଝିରେ ରଖି ନୂଆପଡ଼ା ଫ୍ୟାମିଲି କାଉନ୍‌ସେଲିଂ ସେଂଟର ପକ୍ଷରୁ ଘଟଣାର ଅନୁଧ୍ୟାନ କରାଯାଇଛି । ସୂଚନା ଅନୁସାରେ, ନିଖୋଜ ଛାତ୍ର ଜଣକ ହେଉଛନ୍ତି ପିୟୁଷ ରୋଇ (୧୦) । ସେ ଚତୁର୍ଥ ଶ୍ରେଣୀର ଛାତ୍ର ଏବଂ ତାଙ୍କ ଘର ବରାଙ୍ଗୀର ଜିଲ୍ଲାର ବୃଥର୍ଇ ଗ୍ରାମରେ । ଘଟଣା ଦିନ ସକାଳ ପ୍ରାୟ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଛାତ୍ର ଜଣକ ନିଖୋଜ ରହିଥିବା ଜଣାପଡ଼ିଛି । ପରେ ତାଙ୍କୁ ସ୍କୁଲ ପରିସରରେ ଥିବା ଏକ ପୁରୁଣା ଓ ପରିତ୍ୟକ୍ତ ଶୌଚାଳୟରୁ ଉଦ୍ଧାର କରାଯାଇଥିଲା । ଏହି ଘଟଣାର ପ୍ରକୃତ କାରଣ ଓ ପରିସ୍ଥିତି ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଫ୍ୟାମିଲି କାଉନ୍‌ସେଲିଂ ସେଂଟର ପକ୍ଷରୁ ଘଟଣାର ଅନୁଧ୍ୟାନ କରାଯାଇଛି । ସୂଚନା ଅନୁସାରେ, ନିଖୋଜ ଛାତ୍ର ଜଣକ ହେଉଛନ୍ତି ପିୟୁଷ ରୋଇ (୧୦) । ସେ ଚତୁର୍ଥ ଶ୍ରେଣୀର ଛାତ୍ର ଏବଂ ତାଙ୍କ ଘର ବରାଙ୍ଗୀର ଜିଲ୍ଲାର ବୃଥର୍ଇ ଗ୍ରାମରେ । ଘଟଣା ଦିନ ସକାଳ ପ୍ରାୟ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଛାତ୍ର ଜଣକ ନିଖୋଜ ରହିଥିବା ଜଣାପଡ଼ିଛି । ପରେ ତାଙ୍କୁ ସ୍କୁଲ ପରିସରରେ ଥିବା ଏକ ପୁରୁଣା ଓ ପରିତ୍ୟକ୍ତ ଶୌଚାଳୟରୁ ଉଦ୍ଧାର କରାଯାଇଥିଲା । ଏହି ଘଟଣାର ତାଙ୍କ ବାପା-ମାଆଙ୍କୁ ମଧ୍ୟ ଭେଟି ଘଟଣା ସମ୍ପର୍କରେ ଆଲୋଚନା ଓ ପଚରାଉଚରା କରାଯିବ । ଛାତ୍ରଙ୍କ ଅନୁଭୂତି, ଘଟଣା ପୂର୍ବ ଓ ପରବର୍ତୀ ପରିସ୍ଥିତି ସମ୍ପର୍କରେ ଜାଣିବା ସହ ପରିବାରର ମତାମତ ମଧ୍ୟ ନିଆଯାଇଥିଲା । ଜଣେ ନାବାଳକ ଛାତ୍ର ତାଙ୍କ ସମୟ ଧରି ନିଖୋଜ ରହିବା ଓ ପରେ ସ୍କୁଲ ପରିସରରେ ଏକ ପରିତ୍ୟକ୍ତ ଶୌଚାଳୟରୁ ମିଳିବା ଘଟଣା ଶିକ୍ଷାନୁଷ୍ଠାନର ସୁରକ୍ଷା ଓ ତତ୍ତାବଧାନ ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ାଇଛି । ଆଶ୍ରମ ସ୍କୁଲଗୁଡ଼ିକରେ ଅତେତାଂସୀ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥିତି ଯାଂଚ, ତତ୍ତାବଧାନ ଏବଂ ପରିତ୍ୟକ୍ତ ଜିନିଷପତ୍ରର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଫ୍ୟାମିଲି କାଉନ୍‌ସେଲିଂ ସେଂଟର ପକ୍ଷରୁ କରାଯାଇଥିବା ଏହି ଅନୁଧ୍ୟାନର ଉଦ୍ଦେଶ୍ୟ ହେଉଛି ଘଟଣାର ତାତ୍ତବ ସ୍ଥିତି ଜାଣିବା ଏବଂ ଛାତ୍ରଙ୍କ ସୁରକ୍ଷା ସମ୍ପର୍କିତ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ତଥ୍ୟ ସଂଗ୍ରହ କରିବା ।

ଏସ୍‌ବିଆଇ-ଆରସେଟିରେ ମହିଳା ଟେଲରିଂ ପ୍ରଶିକ୍ଷାର୍ଥୀଙ୍କ ସହ ସିଡିଓ ଓ ଜିଏମ୍, ଡିଆଇସିଙ୍କ ମତବିନିମୟ

ନୂଆପଡ଼ା, ୧୮/୧୧ (ଆ.ପ୍ର) : ନୂଆପଡ଼ାସ୍ଥିତ ଏସ୍‌ବିଆଇ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ବିଆଇ-ଆରସେଟି) ପରିଦର୍ଶନ କରି ଆଜି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-କମ୍-ନିର୍ବାହୀ ଅଧିକାରୀ ଜୟେଦବା ଧରୁଆ ଏବଂ ଜିଲ୍ଲା ଶିକ୍ଷା କେନ୍ଦ୍ର (ଡିଆଇସି), ନୂଆପଡ଼ାର ସାଧାରଣ ପରିଚାଳକ (ଜିଏମ୍) ସମୀର ମୁଦୁଲି ମହିଳା ଟେଲରିଂ ପ୍ରଶିକ୍ଷାର୍ଥୀଙ୍କ ସହ ମତବିନିମୟ କରିଥିଲେ । ଏହି ଅବସରରେ ସେମାନେ ଦକ୍ଷତା ବିକାଶ ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହ ନିଜସ୍ୱ ଉଦ୍ୟୋଗ ସ୍ଥାପନ କରିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଉଲ୍ଲ ଟେରରିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୩ ଅକ୍ଟୋବରରୁ ଆରମ୍ଭ ହୋଇ ୨୨ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏଥିରେ ନୂଆପଡ଼ା ଜିଲ୍ଲାର ପାଂଚଟି ବ୍ଲକ୍‌ରୁ ୩୪ ଜଣ ମହିଳା ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୧୩ ଜଣ ପ୍ରବାସୀ ପରିବାରର ସଦସ୍ୟ । ସ୍ଥାନୀୟ ସ୍ତରରେ ସ୍ୱରୋଜଗାରର ସୁଯୋଗ ସୃଷ୍ଟି କରିବା ସହ ସ୍ଥାୟୀ ଜୀବିକା ନିର୍ବାହ ପାଇଁ ସେମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରି ସିଡିଓ-କମ୍-ଇଓ ଶ୍ରୀ ଧରୁଆ କହିଥିଲେ ଯେ, ଦକ୍ଷତା ବିକାଶ ହେଉଛି ଆତ୍ମନିର୍ଭରଶୀଳତାର ମୂଳ ଆଧାର । ପ୍ରଶିକ୍ଷଣ ସମାପ୍ତ ପରେ ପ୍ରତ୍ୟେକ ପ୍ରଶିକ୍ଷାର୍



ଆରମ୍ଭ

SEITHO ARAMBHA

ଗୁରୁବାର, ୧୯ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



ବାତ୍ୟା ଅକ୍ସାନ ପାଇଁ ଆଜି ଠାରୁ କଳିଙ୍গା ଘାଟିରେ ଗାଡ଼ି ଚଳାଚଳ ବନ୍ଦ

ବି.ଉଦୟଗିରି, ୧୮/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା ଅକ୍ସାନ ଯୋଗୁଁ ପ୍ରବଳ ବର୍ଷା ପବନ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବ୍ରହ୍ମପାଲ ଓ ଗଞ୍ଜାମ ସୀମାନ୍ତବର୍ତ୍ତୀ କଳିଙ୍ଗା ଘାଟି ବେଡ଼ ବିଜୟଧ୍ୱାଡ଼ା ରାଂଚିକୁ ସଂଯୋଗ କରୁଥିବା ୧୫୬ ନମ୍ବର ଜାତୀୟ ରାଜପଥରେ ସମସ୍ତ ପ୍ରକାର ଯାନବାହନ ଚଳାଚଳ ବନ୍ଦ ରହିବ । ଉଦ୍ଧୁଗାଦ ଜନିତ ଜରାଜୀର୍ଣ୍ଣ ବର୍ଷା ହେଉ କିମ୍ବା ବାତ୍ୟା ଆସୁ ଅସୁ ସମସ୍ତଙ୍କ ମନରେ ଭୟଙ୍କର ଭୟ ରହିବ କୌଣସି ପରିସ୍ଥିତିରେ ମଧ୍ୟ ଜନସାଧାରଣଙ୍କ ଯିବା ଆସିବା କରିପାରିବେ ନାହିଁ । ପ୍ରବଳ ବର୍ଷା ହେଲେ କଳିଙ୍ଗା ଘାଟିର ତିନିନ୍ନ ସ୍ଥାନରେ ପାହାଡ଼ ଉପରୁ ବଡ଼ ବଡ଼ ପଥର କିମ୍ବା ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି । ବିଶେଷ କରି ଭୂସ୍ଖଳନ ସ୍ଥାନରେ ମାଟି ଅତଡ଼ା ଖସିବା ସହ ବଡ଼ ବଡ଼ ପଥର ଖସିବାର ସମ୍ଭାବନା ରହିଛି ।



ବନ୍ଦ ରହିବା ନେଇ ବ୍ରହ୍ମପାଲ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ରେଡ଼ରୁଖଣ ଶିଖିର ନିର୍ଦ୍ଦେଶ ଦେଇଛନ୍ତି । ଯାହା ଫଳରେ ଆଜି ପରୁ କଳିଙ୍ଗା ଘାଟି ଦେଇ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ କୌଣସି ପରିସ୍ଥିତିରେ ମଧ୍ୟ ଜନସାଧାରଣ ଯିବା ଆସିବା କରିପାରିବେ ନାହିଁ । ପ୍ରବଳ ବର୍ଷା ହେଲେ କଳିଙ୍ଗା ଘାଟିର ତିନିନ୍ନ ସ୍ଥାନରେ ପାହାଡ଼ ଉପରୁ ବଡ଼ ବଡ଼ ପଥର କିମ୍ବା ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି । ବିଶେଷ କରି ଭୂସ୍ଖଳନ ସ୍ଥାନରେ ମାଟି ଅତଡ଼ା ଖସିବା ସହ ବଡ଼ ବଡ଼ ପଥର ଖସିବାର ସମ୍ଭାବନା ରହିଛି ।

ସମ୍ଭାବ୍ୟ ବାତ୍ୟା ସମୟରେ ଧନ ଜୀବନର ସୁରକ୍ଷା ଅତି ଜରୁରୀ ଏଣୁ ପ୍ରଶାସନ ତରଫରୁ ଆସନ୍ନା ନିର୍ଦ୍ଦେଶ ପର୍ଯ୍ୟନ୍ତ କଳିଙ୍ଗା ଘାଟି ବନ୍ଦ ରହିବା ନେଇ ସ୍ପଷ୍ଟ କରିଦିଆଯାଇଛି । ବାତ୍ୟା ଓ ବର୍ଷା ଜମିବା ପରେ ବୈଷୟିକ ଟିମ୍ କଳିଙ୍ଗା ଘାଟି ରାସ୍ତାର ପରିବର୍ତ୍ତନ କରିବା ପରେ ପ୍ରଶାସନର ନିଷ୍ପତ୍ତି ଓ ନିର୍ଦ୍ଦେଶ ଅନୁଯାୟୀ ଗାଡ଼ି ଚଳାଚଳ ଆରମ୍ଭ ହେବ । ବାତ୍ୟା ଜନିତ ଅସ୍ଥାଣ୍ଟକୁ ଲୋକିମା ପାଇଁ ଘାଟି ରାସ୍ତା ବନ୍ଦ ନିମନ୍ତେ ଜିଲ୍ଲା ପ୍ରଶାସନର ପକ୍ଷରୁପକୁ ସମସ୍ତ ଜନସାଧାରଣ ତଥା ଚାଳକମାନେ ସହଯୋଗ କରିବାକୁ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

ବ୍ରଜମୋହନପୁର ଠାରେ ଅଁଳା ନବମୀ ଓ ରାଧା ପାଦ ଦର୍ଶନ ଉତ୍ସବ ବେଶ ଧୂମଧାମରେ ପାଳିତ



ଦେବଗଡ଼, ୧୮/୧୧ (ଆ.ପ୍ର) : ଚଣ୍ଡିଆଳିନିଶଅ ପଂଚାୟତ ଅନ୍ତର୍ଗତ ବ୍ରଜମୋହନପୁର ଠାରେ, ଆଜି ଅଁଳା ନବମୀ ତଥା ରାଧା ପାଦ ଦର୍ଶନ ଅବସରରେ ସଜ୍ଜାନିତ ଅତିଥି ଭାବେ ବନ ଶ୍ରୀ ଅଧିକାରୀ ଦାସ୍ତି ରଞ୍ଜନ ବିଶ୍ୱାଳ, ବନ ରକ୍ଷୀ ଅଧିକାରୀ ପୂର୍ବ ଚନ୍ଦ୍ର ଧନ, ବନ ପାଳ ଅଶୋକ କୁମାର ପାତ୍ର। ଆଦି ବନ ବିଭାଗର କର୍ମୀ ଗାରି ଯୋଗ ଦାନ କରିଥିଲେ । ବ୍ରଜମୋହନପୁର ଜିଂଏସ୍ଏସ୍ କର୍ମୀ ସହଯୋଗ କରି ଥିଲେ । ଅଁଳା ବୃକ୍ଷକୁ ଓ ରାଧାକୃଷ୍ଣଙ୍କୁ ଦର୍ଶନ କରି ସରିଲା ପରେ, ବୃକ୍ଷଗୋପଣ କାର୍ଯ୍ୟକ୍ରମ କରା ଯାଇଥିଲା । ଏଥିରେ ଜିଏସ୍ଏସ୍ସ ସଭାପତି ତଥା ଆଜନଦିଆ ସୂଚାତା ପ୍ରଧାନ ଆୟୋଜନ କରି ଥିବା କେଳେ ସମସ୍ତ ଗ୍ରାମ ବାସୀ ସହଯୋଗ ତ ସାମିଲୀ ହୋଇ ଥିବାର ଦୃଶ୍ୟ ଦେଖିବାକୁ ମିଳିଛିଲା ଏଠି ସେହି ମୁହୂର୍ତ୍ତ ରାଧା କୃଷ୍ଣଙ୍କ ନାମ କୀର୍ତ୍ତନରେ ଭକ୍ତି ଭାବ ପୂର୍ଣ୍ଣରତି ହୋଇ ଥିବାରୁ ପରିବେଶ ବେଶ ଉତ୍ସବ ମୁଖରିତ ହେଇ ପଡିଥିଲା, ଶେଷରେ ଭକ୍ତମାନେ ଅର୍ଘ ପ୍ରସାଦ ସେବନ କରି ସରେ ନିଜ ନିଜ ଘରକୁ ଫେରିଥିଲେ । ଏହତ ବ୍ୟତୀତ ଦେବଗଡ଼ର ସମସ୍ତ ପୁର ପଲ୍ଲିରେ ମଧ୍ୟ ଘରେ ଘରେ ଅଁଳା ନବମୀରେ ରାଧା କୃଷ୍ଣଙ୍କୁ ପୂଜା ଓ ଅଁଳା ବୃକ୍ଷକୁ ପୂଜା ଅର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଛି ।

ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜରେ ଛାତ୍ର ଅସନ୍ତୋଷ ଛାତ୍ରଛାତ୍ରୀଙ୍କ ନ୍ୟାର୍ଯ୍ୟ ଦାବିକୁ ବିଜୁ ଯୁବ ଜନତା ଦଳର ସମର୍ଥନ

ଜଳାହାଣ୍ଡି, ୧୮/୧୧ (ଆ.ପ୍ର) : ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଆଜି ଛାତ୍ର ଅସନ୍ତୋଷ ଦେଖାଦେଇଛି । ବାର୍ଘଦିନ ଧରି ଛାତ୍ରଛାତ୍ରୀମାନେ ସଙ୍କୁଖ୍ଖାନ ହେଉଥିବା ଛତ୍ତେଇରେ ପାନିୟ ଜଳ ଓ ବିଦ୍ୟୁତ ସରବରାହ, ଶିକ୍ଷା, ବ୍ୟାପ୍ତ ସୁରକ୍ଷା ଓ ହସ୍ପିଟାଲର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆଜି ମେଡିକାଲ କଲେଜର ମୁଖ୍ୟ ଫାଟକ ବନ୍ଦ କରି ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିଲେ । ଆଗାମୀ ଦିନରେ ଦାବିପୂରିକର ସମାଧାନ ନହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ପକ୍ଷରୁ ଉଠାଯାଇଥିବା ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରେ ହଷ୍ଟେଲର ଭିତ୍ତିଭୂମି ଓ ରକ୍ଷଣାବେକ୍ଷଣ, ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ, ଜ୍ୟାମ୍ପସ ଆଲୋକୀକରଣ ଓ ସୁରକ୍ଷା, ଜ୍ୟାମ୍ପସର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଡାଏଟ୍ସ୍ ସ୍ଥାପନ, ଖେଳପଡିଆର ଉନ୍ନତିକରଣ ସହ ଜିମ୍ନାସିୟମରେ ଆବଶ୍ୟକୀୟ ଉପକରଣ ଯୋଗାଇବା, ପ୍ରଧାନ ପଦବୀ ପୂରଣ, ନୂତନ ହଷ୍ଟେଲଗୁଡ଼ିକରେ ଲୋଗା ସେବା ଆରମ୍ଭ ଆଦି ଦାବି ରହିଥିଲା । ଉକ୍ତ ବିଷୟରେ ଉଚ୍ଚାଳପାଣ୍ଡା ଉପ ଜିଲ୍ଲାପାଳ ଆସି ଦୁଃଖୁଆ କରି ଏକ ମାସ ମଧ୍ୟରେ ଦାବି ପୂରଣର ପ୍ରତିଶ୍ରୁତି ପରେ ଛାତ୍ର ଛାତ୍ରୀ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ପରୋଷୀ ଜିଲ୍ଲାରେ ହୋଇ ସୁଦ୍ଧା ଜଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଓ ମେଡିକାଲ କଲେଜର ଛାତ୍ର ଅବହେଳିତ ଅବସ୍ଥାରେ ଅଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ବାରମ୍ବାର ଜଳାହାଣ୍ଡି ଗସ୍ତ କଲେ ମଧ୍ୟ ସମସ୍ୟାର ସମାଧାନ ପାଇଁ ଜଳିଷ୍ଠ ପଦକ୍ଷେପ ନେଉନାହାନ୍ତି ବୋଲି ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି ।

ଛାତ୍ରଛାତ୍ରୀଙ୍କ ଦାବିକୁ ଅଣଦେଖା ନକରି ମେଡିକାଲ କଲେଜ କର୍ତ୍ତୃପକ୍ଷ ତୁରନ୍ତ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ ପାଇଁ ଠୋସ୍ ପଦକ୍ଷେପ ନିଅନ୍ତୁ । ପୂର୍ବରୁ ଡାକ୍ତରଙ୍କ ଅବହେଳା ଯୋଗୁଁ ମୃତ୍ୟୁ ହୋଇଥିବା ରଞ୍ଜି ରଞ୍ଜନ ଦାସଙ୍କ ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ସହ ଛାତ୍ର ଛାତ୍ରୀଙ୍କ ସମସ୍ୟାର ସମାଧାନ ଦାବୀ କରି ଆସନ୍ତା ଶୁକ୍ରବାର ଦିନ ବିଜୁ ଯୁବ ଜନତା ଦଳ, ଜଳାହାଣ୍ଡି ପକ୍ଷରୁ ମେଡିକାଲ କଲେଜର ଡିନ୍ ଓ ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଯୁବ ବିଜେଡି ସଭାପତି ଅବିନାଶ ଠାକୁର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ।

ଯୁବ ସାମ୍ବାଦିକ ଅକାଳ ବିୟୋଗ



ଝତିଆ, ୧୮/୧୧ (ଆ.ପ୍ର) : ଯିଏ ପ୍ରତିଦିନ ସକାଳୁ ଲୋକଙ୍କ ହାତରେ ଖବରକାଗଜ ଧରେଇ ଦେଉଥିଲେ, ଆଜି ସେ ନିଜେ ଏକ ଦୁଃଖଦ ଖବର ପାଲଟିଗଲେ । ଧରିତ୍ରୀର ଝତିଆ ପ୍ରତିନିଧି ସୌମ୍ୟରଞ୍ଜନ ସାହୁ, ଯାହାଙ୍କୁ ସମସ୍ତେ ସ୍ନେହରେ ମଣିଆ ବୋଲି ଡାକୁଥିଲେ, ମାତ୍ର ୪୦ ବର୍ଷ ବୟସରେ ଆମ ସଙ୍ଗରୁ ଚିରତିନ ପାଇଁ ଚାଲିଗଲେ । ମଣିଆ ଥିଲେ ଏ ଅଂଚଳର ଜଣେ ସରଳ, ନମ୍ର ଅଥଚ ମିଷ୍ଟଭାଷୀର ମଣିଷ । ଝତିଆ ଅଂଚଳର ପ୍ରତ୍ୟେକ ସାଂସ୍କୃତିକ, ସାମାଜିକ, ଖେଳ ଆଉ ଆଧ୍ୟାତ୍ମିକ କାର୍ଯ୍ୟରେ ସେ ଆଗରେ ଥିଲେ । କାହାର ଦୁଃଖ ହେଉ କି ସୁଖ, ମଣିଆକୁ ପ୍ରଥମେ ଦେଖିବାକୁ ମିଳୁଥିଲା । ସାମ୍ବାଦିକତା ତାଙ୍କ ପାଇଁ ବୃତ୍ତି ହେଇଥିଲେ ବି ସେବା ଆଉ ସାଧନାକୁ ଗୁରୁତ୍ୱ ଦେଉଥିଲେ । ଖରା ହେଉ, ବର୍ଷା ହେଉ କି ଶୀତ - ରାତି ପାହିବା ଆଗରୁ ସାଇକ୍ଲିରେ ଖବରକାଗଜ ଆଣି ଘରେ ଘରେ ପହଂଚାଇ ଦେବା ଥିଲା ତାଙ୍କର ଅତୁଟିଆ ନିଶା । ଖବର ସହ ଲୋକଙ୍କ ଭଲ-ମନ୍ଦ ବୁଝିବା ଥିଲା ତାଙ୍କର ଅଭ୍ୟାସ । ଆଜି ସକାଳେ ବି ସେ ସେହଭଳି ବାହାରିଥିଲେ । କିନ୍ତୁ ଖବରକାଗଜ ଲୋକଙ୍କ ପାଖରେ ପହଂଚାଇବା ପୂର୍ବରୁ ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ତାଙ୍କର ଦେହାନ୍ତ ହୋଇଗଲା । ଏ ଖବର ପବନ ବେଗରେ ସାରା ଅଂଚଳରେ ଖେଳିଗଲା ପରେ ମୁହୂର୍ତ୍ତକ ମଧ୍ୟରେ ଝତିଆ ପାହଚା ଗାଁରୁ ବଡ଼ତଣ୍ଡା ମେଡିକାଲ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇ ଉଠିଥିଲା. ଝତିଆ, ବଡ଼ତଣ୍ଡା, ଚଣ୍ଡିଖୋଲର ସମସ୍ତ ସାମ୍ବାଦିକ, ପ୍ରାମୟ ସଙ୍ଗଫଂଚ ରମେଶ ପୃଷ୍ଟି, ସମିତି ସଭ୍ୟ ଦୀପକ କୁମାର ସାହୁ, ବଡ଼ତଣ୍ଡା ସମିତି ସଭ୍ୟା ସୌମ୍ୟାଗଞ୍ଜନ ବିଶ୍ୱାଳଙ୍କ ସମେତ ସମସ୍ତ ବଜର ରାଜନୈତିକ ବ୍ୟକ୍ତି ଧାଇଁ ଆସିଥିଲେ । ଶବ ବ୍ୟବଚ୍ଛେଦ ପରେ ମୃତଦେହ ଗାଁକୁ ଆଣିଲା । ଯୁବ ଗୋଷ୍ଠୀ, ବୟସ୍କ, ରାଜନୈତିକ ବ୍ୟକ୍ତି, ସାମ୍ବାଦିକଙ୍କ ଗହଣରେ ତାଙ୍କୁ ଗାଁ ମଶାଣିକୁ ନିଆ ଯାଇଥିଲା । ସେତେବେଳେ ବାପାଙ୍କୁ ଅତୁଟା ନାତାଳକ ପୁଅ ମୃତ୍ୟୁଞ୍ଜୟ ମୁଖାଗ୍ନି ଦେଇଥିଲା, ସେତେବେଳେ ମଶାଣିରେ ଥିବା ପ୍ରତ୍ୟେକ ଆଖି ଓଦା ହୋଇଯାଇଥିଲା. ସତେ ଯେମିତି ମଶାଣି ବି କାନ୍ଦୁଥିଲା । ମଣିଆଙ୍କ ରୋଜଗାର କହିଲେ କେବଳ ଖବରକାଗଜ ବିକ୍ରିରୁ ମିଳୁଥିବା ସାମାନ୍ୟ ଅର୍ଥ । ସେଥିରେ ସେ ୧୩ ବର୍ଷର ଝିଅ ଆଉ ୧୦ ବର୍ଷର ଜୁନି ପୁଅର ପାଠପଢ଼ା ସହ ଘରର ସମସ୍ତ ଖର୍ଚ୍ଚ ମେଂଟାଇ ଚଳୁଥିଲେ । ଆଜି ଘରର ଏକମାତ୍ର ଆଶାବାତ୍ତି ରାଜିଗଲା । ପତ୍ନୀ ଆଉ ପୁଅ ଅତୁଟା ହୁଆ ପୁରା ଅସହାୟ ହୋଇପଡ଼ିଛନ୍ତି । ଅନ୍ୟ ପାଇଁ ଜବୁଥିବା ଏ ଗରିବ ସାମ୍ବାଦିକଙ୍କ ଅସହାୟ ପରିବାରକୁ ତୁରନ୍ତ ସରକାରୀ ସହାୟତା ମିଳିପାରିଲେ, ଅନ୍ତତଃ ଦୁଇ ହୁଆଙ୍କ ପାଠପଢ଼ା ଆଉ ଜୀବନ ବଂଚିଥିବ ବୋଲି ଅଂଚଳବାସୀଙ୍କ ନିବେଦନ ।

ଗ୍ଲୋବାଲ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳନ, ନୂତନ ପାଠ୍ୟକ୍ରମ ଉନ୍ମୋଚିତ ହେଲା

ବାସୁଦେବପୁର, ୧୮/୧୧ (ଆ.ପ୍ର) : ଶିଶୁଙ୍କ ପୃଥିବୀରେ ସତ୍ୟ, ମନରେ ନୂଆ ସ୍ୱପ୍ନ ଆଉ ଉଦ୍ଦିଷ୍ୟତ ଗଠନର ସଂକଳ୍ପ । ପବିତ୍ର ଶିଶୁ ଦିବସ ଅବସରରେ ବାସୁଦେବପୁର ବ୍ଲକ ବିଦେଇପୁରସ୍ଥିତ ଗ୍ଲୋବାଲ କମ୍ପ୍ୟୁଟର ଏକୁକେସନ ଇନଷ୍ଟିଚ୍ୟୁଟ୍ ଓ ଗ୍ଲୋବାଲ କୋଚିଂ ସେଂଟର ପକ୍ଷରୁ ଶିଶୁ ଦିବସ-୨୦୨୬ ମହାସମାରୋହରେ ପାଳିତ ହୋଇଛି । ଏହି ଅବସରରେ ଆଧୁନିକ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ କମ୍ପ୍ୟୁଟର ଶିକ୍ଷା ପାଠ୍ୟକ୍ରମର ଶୁଭ ଉନ୍ମୋଚନ କରାଯାଇଛି । ପ୍ରତିଭାର ବିକାଶ ସହ ଆଧୁନିକ ଶିକ୍ଷାର ପ୍ରସାର । ଶିଶୁ ଦିବସ ଜେଜେ ଏକ ଉତ୍ସବ ନୁହେଁ, ବରଂ ଶିଶୁଙ୍କ ସ୍ୱପ୍ନକୁ ସାକାର କରିବା ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନର ଏକ ପ୍ରେରଣାଦାୟକ ଅବସର । ବିଦେଇପୁରସ୍ଥିତ ଗ୍ଲୋବାଲ କମ୍ପ୍ୟୁଟର ଏକୁକେସନ ଇନଷ୍ଟିଚ୍ୟୁଟ୍ ଓ ଗ୍ଲୋବାଲ କୋଚିଂ ସେଂଟର ପକ୍ଷରୁ ଆୟୋଜିତ ଏହି ସମାରୋହରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶ ଭକ୍ତି ଓ ଆନନ୍ଦ ଦେଖିବାକୁ ମିଳିଥିଲା ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦେଇପୁର ଏନ୍ଏଚ୍ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ଼ଢକିଶୋର ରାୟ ଯୋଗଦେଇ ଶିଶୁ ଦିବସର ମାହତ୍ତ ଓ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ମତପ୍ରକାଶ କରିଥିଲେ । ଅନ୍ୟ ଅତିଥି ଭାବେ ମାନସ କୁମାର ମଲ୍ଲିକ, ଲାୟାବର ସେନାପତି ଓ ଅମୀୟ କୁମାର ପାତ୍ର ଯୋଗଦେଇଥିଲେ । ଏହି ଅବସରରେ ଗ୍ଲୋବାଲ କମ୍ପ୍ୟୁଟର ଏକୁକେସନ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ନୂତନ କମ୍ପ୍ୟୁଟର ପାଠ୍ୟକ୍ରମ ଉନ୍ମୋଚନ କରାଯାଇଥିଲା । ଏଥିରେ ୟୁନିଭର୍ସିଟି କମ୍ପ୍ୟୁଟର କୋର୍ସ ସର୍ଟିଫିକେଟ୍, ଅନ୍ତର୍ଗତ ପିଜିଡିସିଏ, ଡିଡିଏ, ସିସିସି ସହିତ ଏନ୍ସିସିଇଟି ଅନୁସାରେ Level-4 Junior Software Developer ଏବଂ Level-3 Digital Mitra ଭଳି ଦକ୍ଷତାଭିତ୍ତିକ ପାଠ୍ୟକ୍ରମ ସାମିଲ ରହିଛି । ବର୍ତ୍ତମାନର ଡିଜିଟାଲ ଯୁଗରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଜ୍ଞାନ ସହ ବୈଷୟିକ ଦକ୍ଷତାରେ ପାରଦର୍ଶୀ କରିବା ଏବଂ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସୃଷ୍ଟି କରିବା ହେଉଛି ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଅନୁଷ୍ଠାନର ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ଦାସଙ୍କ ସହ କର୍ମଚାରୀ ଲକ୍ଷ୍ମୀପ୍ରିୟା ଦତ୍ତ, ମୋନାଲିସା ମୁଦୁଲି, ଛବିତା ବାସ, ଜ୍ୟୋତିର୍ମୟୀ ସେଠୀ ଓ ଅଭିଜିତ କୁମାର ପଣ୍ଡା କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଶିଶୁଙ୍କ ମଧ୍ୟରେ ଶିକ୍ଷା, ସଂସ୍କାର ଓ ଆଧୁନିକ ଜ୍ଞାନର ବିକାଶ ସହ ଡିଜିଟାଲ ଶିକ୍ଷାର ନୂଆ ଦିଗ ଉନ୍ମୋଚନ କରିବାର ବାର୍ତ୍ତା ଦେଇ ଉତ୍ସବର ପରିସମାପ୍ତି ଘଟିଥିଲା ।

ଗଜପତି ଜିଲ୍ଲାର ଅଙ୍ଗନଓ୍ୱାଡ଼ି କର୍ମୀଙ୍କ ସମସ୍ୟା ସହ ସୁଭଦ୍ରା ଯୋଜନା ପ୍ରସଙ୍ଗରେ ମଧ୍ୟ ହେଲା ଆଲୋଚନା

ପାରଳାଖେମୁଣ୍ଡି, ୧୮/୧୧ (ଆ.ପ୍ର) : ବାର୍ଦ୍ଧକ୍ୟ ଭତ୍ତା ଓ ଜିନ୍ୟକ୍ରମ ଭତ୍ତା ପ୍ରଦାନରେ ବିଳମ୍ବ ଏବଂ ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବିଧାନସଭା କମିଟି ବୈଠକରେ ସ୍ୱର ଉଠାଇଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ । ଏଥିସହ ବାତ୍ୟାରେ କ୍ଷତିଗ୍ରସ୍ତ ଗଜପତି ଜିଲ୍ଲାର ଗୁମ୍ଫା ଗ୍ରାମର ଅଙ୍ଗନଓ୍ୱାଡ଼ି କର୍ମୀମାନଙ୍କ ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଧାୟକ ଶ୍ରୀ ପାଣିଗ୍ରାହୀ ବିଭାଗୀୟ ଅଧିକାରୀ ଏବଂ ଅଙ୍ଗନଓ୍ୱାଡ଼ି କର୍ମୀମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଧାନସଭା ସଦିବାଳୟ ପକ୍ଷରୁ ସୁସ୍ଥ ସଚିବ ବିଦ୍ୟାଧର ମାଝୀଙ୍କ ଦସ୍ତଖତରେ ଜାରି ଚିଠି ଅନୁଯାୟୀ, କମିଟି ଅଧକ୍ଷ ବିଜୁଡି କୃଷ୍ଣ ପ୍ରଧାନଙ୍କ ସମେତ ବିଧାୟକ ପ୍ରଶାନ୍ତ ବେହେରା, ଜମା ଚରଣ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ହିମାଂଶୁ ଶେଖର ସାହୁ, ଉଃ ପଦ୍ମାର ମୋହନ ନାଏକ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ, ବିଜୟ କୁମାର ଦଳବେହେରା, ସୁଜାତା ସାହୁ, ପ୍ରଦୀପ କୁମାର ସାହୁ ଓ ସୁବାସିନୀ ଜେନାଙ୍କୁ ବୈଠକରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ କମିଟି ସଦସ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଆଲୋଚନା ଏବଂ ପରେ ସାମାଜିକ ସୁରକ୍ଷା ଓ ଜିନ୍ୟକ୍ରମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗର ସଚିବଙ୍କ ସହ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଥିଲା । ଏଥିରେ ୨୦୨୫-୨୦୨୬ ବର୍ଷର ତୃତୀୟ ତ୍ରିପୋର୍ଟରେ କମିଟି ପକ୍ଷରୁ ଦିଆଯାଇଥିବା ପର୍ଯ୍ୟବେକ୍ଷଣ ଓ ସୁପାରିଶ ଉପରେ ବିଭାଗର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ସହ ବିଭାଗର ସାଧାରଣ କାର୍ଯ୍ୟକଳାପ ସମୀକ୍ଷା କରାଯିବାର ବ୍ୟବସ୍ଥା ରହିଥିଲା । ବୈଠକରେ ବିଧାୟକ ରୂପେଶ ପାଣିଗ୍ରାହୀ ବାର୍ଦ୍ଧକ୍ୟ ଓ ଜିନ୍ୟକ୍ରମ ଭତ୍ତା ଠିକ୍ ସମୟରେ ମିଳୁନଥିବା ଅଭିଯୋଗକୁ ଗୁରୁତ୍ୱର ସହ ଉପସ୍ଥାପନ କରିଥିଲେ । ଏହାର ଉତ୍ତରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗାମୀ ଦିନରେ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ଭତ୍ତା ପ୍ରଦାନ କରାଯିବା ସହ ବଚ୍ଚେୟା ରହିଥିବା ହିତାଧିକାରୀଙ୍କୁ ମଧ୍ୟ ଅତିଶୀଘ୍ର ଭତ୍ତା ଅଧିକାରୀ ବୋଲି ସୂଚନା ଦିଆଯାଇଥିବା ଜଣାଯାଇଛି । ଅନ୍ୟପକ୍ଷରେ, ବାତ୍ୟାରେ କ୍ଷତିଗ୍ରସ୍ତ ଗଞ୍ଜାମ ଅଙ୍ଗନଓ୍ୱାଡ଼ି ଦିଦିମାନେ ସୁଦ୍ଧା ଯୋଜନାକୁ ନେଇ ଯେଉଁ ସମସ୍ୟା ଓ ଅଭିଯୋଗ ଉଠାଇଥିଲେ, ସେହି ପ୍ରସଙ୍ଗକୁ ମଧ୍ୟ ବିଧାୟକ ଶ୍ରୀ ପାଣିଗ୍ରାହୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ରଖିଥିଲେ । ଗଜପତି ଜିଲ୍ଲାର ବୁଦ୍ଧବତ୍ତା, ଜିନ୍ୟକ୍ରମ ବ୍ୟକ୍ତି ଓ ମହିଳାମାନେ ଯେପରି ସରକାରୀ ଯୋଜନାର ସୁବିଧା ସଠିକ୍ ସମୟରେ ପାଇପାରିବେ, ସେଥିପାଇଁ ବିଧାନସଭା ସ୍ତରରେ ଏହି ପ୍ରସଙ୍ଗ ଉଠାଯିବାକୁ ଜିଲ୍ଲାବାସୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନାଇ ଦେଖୁଛନ୍ତି ।

ତିନି ଶିଶୁଙ୍କୁ ପୋଷ୍ୟଗ୍ରାହୀ ଦମ୍ପତିଙ୍କୁ ହସ୍ତାନ୍ତର ପ



ଆରମ୍ଭ
SEITHO ARAMBHA

ଗୁରୁବାର, ୧୯ ନଭେମ୍ବର, ୨୦୨୭ : ବାଲେଶ୍ୱର : ପୃଷ୍ଠା -୮



ପାକିସ୍ତାନକୁ ୨-୧ରେ ହରାଇ ସାଫ୍ ଚାମ୍ପିଅନ୍ ଭାରତ



ନୂଆଦିଲ୍ଲୀ, ୧୮/୧୧(ନ୍ୟୁ.ଏ): ଫୁଟବଲ୍ ପଡ଼ିଆରେ ପୁଣି ଭାରତର ଦବଦବା । ବିଜୟୀଦ୍ୱନ୍ଦ୍ୱା ପାକିସ୍ତାନକୁ ହରାଇ ଐତିହାସିକ ସଫଳତା ହାସଲ କରିଛି ଟିମ୍ ଇଣ୍ଡିଆ । ତାହାରେ ଖେଳାଯାଇଥିବା ସାଫ୍ ଚାମ୍ପିୟନସିପ୍ ଫାଇନାଲ୍‌ରେ ପାକିସ୍ତାନକୁ ୨-୧ ଗୋଲ୍‌ରେ ପରାସ୍ତ କରି ୧୦ମ ଥର ପାଇଁ ଟ୍ରଫି ଜିତେଇଛି ଭାରତ । ଏଥିସହ କ୍ରମାଗତ ତୃତୀୟ ଥର ପାଇଁ ଚାମ୍ପିୟନ୍ ହୋଇ ଟାଇଟଲ୍ ଜିତିବାର ହ୍ୟାଟ୍ରିକ୍ ପୂରଣ କରିଛି ଦଳ । ଏହି ସଫଳତା ଆହୁରି ଖାସ୍, କାରଣ ଦ୍ୱିତୀୟ ଧାଡ଼ିର ଦଳକୁ ନେଇ ମଇଦାନକୁ ଓହ୍ଲାଇଥିଲେ ମଧ୍ୟ ଭାରତ ଟ୍ରଫି ଜିତିବାରେ ସଫଳ ହୋଇଛି । ପ୍ରଥମ ହାଫ୍‌ରେ ପଛୁଆ ରହିବା ପରେ ଦ୍ୱିତୀୟ ହାଫ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ନିଜ ନାଁରେ କରିଛି ଟିମ୍ ଇଣ୍ଡିଆ । ମ୍ୟାଚ୍ ଆରମ୍ଭରୁ ଆକ୍ରମାତ୍ମକ ଖେଳ ପ୍ରଦର୍ଶନ କରିଥିଲା ପାକିସ୍ତାନ । ପ୍ରଥମ ଅଧଘଂଟା ଯାଏଁ ପଡ଼ିଆରେ ପାକିସ୍ତାନୀ ଖେଳାଳିଙ୍କ ଦବଦବା ରହିଥିଲା । ଏହି ସମୟ ମଧ୍ୟରେ ପାକିସ୍ତାନ ୯ଟି ସଟ୍ ମାରିଥିବା ବେଳେ ଏଥିରୁ ୨ଟି ଗୋଲ୍‌ପୋଷ୍ଟକୁ ଟାର୍ଗେଟ୍ କରିଥିଲା । ଅନ୍ୟପଟେ ଭାରତ ମାତ୍ର ୨ଟି ସଟ୍ ମାରିଥିଲା, ଯାହା ମଧ୍ୟରୁ ଗୋଟିଏ ବି ଲକ୍ଷ୍ୟଭେଦ କରିପାରିନଥିଲା । ତେବେ ୩୫ତମ ମିନିଟ୍ ପାଖାପାଖି ଭାରତ ଜିଙ୍କି ହାତରେ ଦ୍ୱିତୀୟ ହାଫ୍‌ରେ ଗୋଲ୍ ପରିଶୋଧ କରିବାକୁ ଭାରତ କୋରଦାର ଉଦ୍ୟମ କରିଥିଲା । ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ଆସିଥିଲା ନିର୍ଣ୍ଣାୟକ ମୋଡ଼ । ଭାରତୀୟ ଖେଳାଳି ବ୍ରିସନ୍ ଫର୍ଣ୍ଣାଣ୍ଡିଜ୍‌କୁ ବିପକ୍ଷଜନକ ଟ୍ୟାକଲ୍ କରିବାରୁ ପାକିସ୍ତାନର ଜୁନୈଦ ଶାହଙ୍କୁ ସିଧା ରେଡ୍ କାର୍ଡ ଦେଖାଇଥିଲେ ରେଫରି । ଫଳରେ ପାକିସ୍ତାନ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିବାକୁ ବାଧ୍ୟ ହୋଇଥିଲା । ଏହାର ଠିକ୍ ପର ମିନିଟ୍‌ରେ ଅର୍ଥାତ୍ ୬୦ତମ ମିନିଟ୍‌ରେ ଗୋଲ୍ କରି ଭାରତ ସ୍କୋର ବରାବର କରିଥିଲା । ଲଢୁଇଡମ୍ ଖେମିନମାଙ୍ଗଙ୍କ ଫ୍ରି-କିକ୍ ପରେ ମାଖାର୍ଟନ୍ ନିଙ୍ଗନ୍‌ଙ୍କ ହାଲୁଲା ଟଚ୍ ଯୋଗୁଁ ଉକ୍ତ ସୁହେଲ ଅହଞ୍ଚଡ଼ ଭାଙ୍ଗେ ପାଖରେ ପହଂଚିଥିଲା । ସେ ଏହାକୁ ଗୋଲ୍‌ପୋଷ୍ଟ ଭିତରକୁ ପଠାଇ ଦେଇଥିଲେ । ଦ୍ୱିତୀୟ ହାଫ୍‌ରେ ଗୋଲ୍ ପରିଶୋଧ କରିବାକୁ ଭାରତ କୋରଦାର ଉଦ୍ୟମ କରିଥିଲା । ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ଆସିଥିଲା ନିର୍ଣ୍ଣାୟକ ମୋଡ଼ । ଭାରତୀୟ ଖେଳାଳି ବ୍ରିସନ୍ ଫର୍ଣ୍ଣାଣ୍ଡିଜ୍‌କୁ ବିପକ୍ଷଜନକ ଟ୍ୟାକଲ୍ କରିବାରୁ ପାକିସ୍ତାନର ଜୁନୈଦ ଶାହଙ୍କୁ ସିଧା ରେଡ୍ କାର୍ଡ ଦେଖାଇଥିଲେ ରେଫରି । ଅବଦୁଲ୍ଲା ଇକବାଲଙ୍କୁ ପଡ଼ିଆରୁ ବାହାର କରାଯାଇଥିଲା । ହେଲେ ଭାରତ ନିଜର ଚାପ ବଜାୟ ରଖିଥିଲା । ମ୍ୟାଚ୍‌ର ୮୮ତମ ମିନିଟ୍‌ରେ ସନ୍ଦୀପ ମାଝି ହେଡର ଜରିଆରେ ଗୋଲ୍ କରି ଭାରତକୁ ୨-୧ରେ ଆଗୁଆ କରିଥିଲେ । ଏହି ଗୋଲ୍ ହିଁ ମ୍ୟାଚ୍‌ର ନିର୍ଣ୍ଣାୟକ ଗୋଲ୍ ସାବ୍ୟସ୍ତ ହୋଇଥିଲା । ଶେଷରେ ପାକିସ୍ତାନକୁ ୨-୧ରେ ହରାଇ ଭାରତ ସାଫ୍ ଚାମ୍ପିୟନସିପ୍ ଟ୍ରଫି ହାତେଇଥିଲା । ଏହି ବିଜୟ ସହ ସାଫ୍ ଚାମ୍ପିୟନସିପ୍ ଇତିହାସରେ ଭାରତ ନିଜର ୧୦ମ ଟାଇଟଲ୍ ଖାସଲ କରିଛି । ଏଥିସହ ଭାରତୀୟ ତିନିଟି ସଂସ୍କରଣରେ ଚାମ୍ପିୟନ୍ ହୋଇ ଏକ ନୂଆ ଇତିହାସ ରଚିଛି ଦଳ । ଏହା ପୂର୍ବରୁ ଭାରତ ୧୯୯୩, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫, ୨୦୨୧ ଓ ୨୦୨୩ରେ ଏହି ଟ୍ରଫି ଜିତିଥିଲା । ଏଥର ବଙ୍ଗଳ ଟ୍ରଫି ସହ ଭାରତ ସାଫ୍ ଚାମ୍ପିୟନସିପ୍‌ର ସବୁଠାରୁ ସଫଳ ଦଳ ଭାବେ ନିଜ ସ୍ଥାନ ଆହୁରି ମଜବୁତ କରିଛି ।

ଟ୍ରମ୍ପ ଓ ଜିନପିଙ୍ଗଙ୍କ ପାଖକୁ ଆସି ହାତ ମିଳାଇଲେ ପୁଟିନ



ନୂଆଦିଲ୍ଲୀ, ୧୮/୧୧(ନ୍ୟୁ.ଏ): ବିଧିବଦ୍ଧ ଆଲୋଚନା ପୂର୍ବରୁ ଗୋଟିଏ ବଡ଼ କୂଟନୀତିକ ସମ୍ପର୍କ ଦେଖିବାକୁ ମିଳିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ପ୍ରଥମଥର ଏକାଠି ନଜର ଆସିଛନ୍ତି । ତାଇନାରେ ଏହି ୩ ନେତାଙ୍କ ଭେଟଘାଟ ହୋଇଛି । ତାଇନାର ଶେନଝେନରେ ଆୟୋଜିତ ଏସିଆ-ପ୍ୟାସିଫିକ ଇକୋନୋମିକ କପୋରେସନ(ଏପିଇସି) ପୂର୍ବରୁ ଜିନପିଙ୍ଗ ଓ ତାଙ୍କ ପତ୍ନୀ ପେଙ୍ଗ ଲିୟୁଆନ ଆୟୋଜନ କରିଥିବା କାର୍ଯ୍ୟକ୍ରମରେ ଏଭଳି ଦୃଶ୍ୟ ଦେଖାଯାଇଛି । ଏହି କାର୍ଯ୍ୟକ୍ରମରେ ପୁଟିନ ନିଜ ଆହୁ ଟ୍ରମ୍ପ ଓ ଜିନପିଙ୍ଗଙ୍କ ପାଖକୁ ରେଡ କାର୍ପେଟରେ ଚାଲି ଚାଲି ଆସିଥିଲେ । ଏହାପରେ ୩ ଜଣଙ୍କ ଯାକ ଏକାଠି ଫଟୋ ଉଠାଇଥିଲେ । ଟ୍ରମ୍ପ ଓ ପୁଟିନ ହାତ ମିଳାଇବା ସହ ଜରମାହ ପଚାରି ବୁଝିଥିଲେ । ଜିନପିଙ୍ଗ ସେଠାରେ ଏହାକୁ ଚାହିଁ ରହିଥିବାର ଜିଡିଓ ସାମ୍ନାକୁ ଆସିଛି । କ୍ରେମଲିନ ପୁଲ ଟିମ ରେକିଗ୍ନାଇଜ ପୋଷ୍ଟ କରିଥିବା ଜିଡିଓରେ ଦେଖିବାକୁ ମିଳୁଛି ଯେ ଟ୍ରମ୍ପ ଓ ଜିନପିଙ୍ଗଙ୍କ ଚାଲ ପତ୍ନୀ ଝିଡ଼ା ହୋଇଥିବା ବେଳେ ପୁଟିନ ସେମାନଙ୍କ ସହ ସାମିଲ ହୋଇଥିଲେ । ଗୁରୁବାର ୩ ଦେଶର ନେତା ତ୍ରିପାକ୍ଷିକ ଆଲୋଚନା କରିବାକୁ ଯାଉଥିବା ବେଳେ ଏଭଳି ବୃଦ୍ଧ ପୁରା ବିଶ୍ୱର ଉତ୍ସୁକ୍ୟ ବଢ଼ାଇ ଦେଇଛି । ପୁଟିନ ଓ ଟ୍ରମ୍ପଙ୍କ ଭେଟଘାଟର ଗୁରୁତ୍ୱ ଦେଖି ଅଧିକ । ଭାରତ ଦୁଇ ନେତା ୨୦୨୫ ଆଲାସ୍କାରେ ଆୟୋଜିତ ରୁଷ-ଆମେରିକା ସମ୍ମିଳନୀ ପରେ ଆଉ ପରସ୍ପରକୁ ଭେଟି ନଥିଲେ । ଏବେ ଶେନଝେନରେ ଉଭୟ ନେତା କିଛି ସମୟ ପାଇଁ କଥାବାର୍ତ୍ତା ହେବା ପରେ ଗ୍ରୁପ ଫଟୋ ଉଠାଇଛନ୍ତି । ଟ୍ରମ୍ପ ଶେନଝେନ ଆସିବାର ଦେଶ କିଛି ଘଂଟା ପୂର୍ବରୁ ପୁଟିନ ସୋଚ୍ଚର ପହଂଚି ଚାଇନା ରାଷ୍ଟ୍ରପତି ସହ ବୈଠକ କରିଥିଲେ । ମସ୍କୋ ଓ ବେଜିଂ ପକ୍ଷରୁ ବିଭେଶ ନୀତି ଏବେ କାମ କରୁଥିବା ରୁଷ ରାଷ୍ଟ୍ରପତି ପୁଟିନ ବୈଠକ ପରେ କହିଥିଲେ । ଏହି ବୈଠକ ପରେ ଟ୍ରମ୍ପ ଏୟାର ଫୋର୍ସ ୱାନରେ ଚାଇନାକୁ ଆସିଥିଲେ । ଏଠାରେ ତାଙ୍କୁ ନିଜ ଜିନପିଙ୍ଗ ସ୍ୱାଗତ କରିଥିଲେ । ତାଙ୍କୁ ସାମରିକ ସମ୍ମାନ ପ୍ରଦାନ କରାଯାଇଛି ।

ନିଟ୍ ପେପର ଲିକ୍ ମାମଲାରେ ୧୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍



ନୂଆଦିଲ୍ଲୀ, ୧୮/୧୧(ନ୍ୟୁ.ଏ): ନିଟ୍ ଯୁକ୍ତି ପେପର ଲିକ୍ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ମାମଲାରେ ସମସ୍ତ ୧୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ନଭେମ୍ବର ୨୫ ତାରିଖରୁ ମାମଲାର ଦୈନିକ ଶୁଣାଣି ଆରମ୍ଭ ହେବ । ଏହାକୁ ନେଇ ନିଟ୍ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ମଧ୍ୟରେ ପୁଣି ଅରେ ଏହି ମାମଲା ଚର୍ଚ୍ଚାକୁ ଆସିଛି । ସୂଚନା ଅନୁଯାୟୀ, ନିଟ୍ ଯୁକ୍ତି ପେପର ଲିକ୍ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା । କୋର୍ଟ ସିବିଆଇ ଜଗାଇଥିବା ଭାରତୀୟ ଦଣ୍ଡ ସଂହିତାର ସମସ୍ତ ସମ୍ପୃକ୍ତ ଧାରା ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିସହ କମିଶାଇଟ୍ ଆଇନର ଧାରା ୬୩ ଅନୁଯାୟୀ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଗଠନ କରାଯାଇଛି । କୋର୍ଟ ସମସ୍ତ ୧୪ ଜଣ ଅଭିଯୁକ୍ତଙ୍କୁ ନଭେମ୍ବର ୨୧ ତାରିଖରେ ଚାଲ୍ଲିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ନଭେମ୍ବର ୨୫ରୁ ମାମଲାର ନିୟମିତ ଶୁଣାଣି ହେବ । ଦୈନିକ ଶୁଣାଣି ମାଧ୍ୟମରେ ମାମଲାର ବିଚାର ପ୍ରକ୍ରିୟାକୁ ଶୀଘ୍ର ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ମାମଲାରେ ସିବିଆଇ ପକ୍ଷରୁ ପ୍ରାୟ ୨୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ଜୁଲାଇ ମାସରେ ତଦନ୍ତକାରୀ ସଂସ୍ଥା ପ୍ରଥମ ଚାର୍ଜସିଟ୍ ଦାଖଲ କରିଥିଲା । ପରେ ଅଗଷ୍ଟ ୧୨ ତାରିଖରେ ରାଉଜ୍ ଆଭେନ୍ୟୁ କୋର୍ଟର ବିଶେଷ ଫାଷ୍ଟଟ୍ରାକ୍ କୋର୍ଟ ଏହି ଚାର୍ଜସିଟ୍ ଉପରେ ବିଚାର କରିଥିଲେ । ନିଟ୍ ଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଦେଖାଯାଇ ବିବାଦ ସୃଷ୍ଟି କରିଥିଲା । ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ମାମଲାରେ ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟା ଉପରେ ସମସ୍ତଙ୍କ ନଜର ରହିଛି । ନଭେମ୍ବର ୨୫ରୁ ଆରମ୍ଭ ହେବାକୁ ଥିବା ଦୈନିକ ଶୁଣାଣି ଏହି ମାମଲାର ପରବର୍ତ୍ତୀ ଗତିକୁ ନିର୍ଦ୍ଧାରଣ କରିବ ।

ସୋନିଆ ଗାନ୍ଧିଙ୍କ ବହିକୁ ବିରୋଧ, ବାଲ ଠାକରେଙ୍କ ଫଟୋ ଚରି ବିବାଦରେ ସିନ୍ଦେ ସେନା ନେତ୍ରୀ



ମହାରାଷ୍ଟ୍ର, ୧୮/୧୧(ନ୍ୟୁ.ଏ): ସୋନିଆ ଗାନ୍ଧିଙ୍କ ବହି ବିରୋଧରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା କରୁଥିବା ବିରୋଧର ଏବେ ବଡ଼ ପାଇଁ ବୁମେରାଙ୍ଗ ସାବ୍ୟସ୍ତ ହୋଇଛି । ସିନ୍ଦେ ସେନା ନେତ୍ରୀ ଶାଇନା ଏନସି ବିରୋଧ ପ୍ରଦର୍ଶନ ବେଳେ ଶିବସେନାର ପ୍ରତିଷ୍ଠାତା ବାଲ ଠାକରେଙ୍କ ଗୋଟିଏ ଫଟୋ ଚିରି ଦେଇଛନ୍ତି । ସେ ସୋନିଆ ଗାନ୍ଧିଙ୍କ ବହିର ପୃଷ୍ଠା ଚରିଦା ବେଳେ ଭୁଲ ବଶତଃ ବାଲ ଠାକରେଙ୍କ ଫଟୋ ଥିବା ପୋଷ୍ଟର ଚିରି ଦେଇଛନ୍ତି । ଏହାର ଜିଡିଓ ସାମ୍ନାକୁ ଆସିବା ପରେ ରାଜନୀତିକ ବିବାଦ ଦେଖାଯାଇଛି । ଉଦ୍ଧବ ଠାକରେଙ୍କ ଶିବସେନା ଓ କଂଗ୍ରେସ ପକ୍ଷରୁ ଏହି ପ୍ରସଙ୍ଗରେ ଶାଇନା ଏନସିକୁ ଟାର୍ଗେଟ କରାଯାଇଛି । ସେ ସେନା ପ୍ରତିଷ୍ଠାତାଙ୍କୁ ଅପମାନିତ କରିଥିବା ଉତ୍ତର ଦଳ ଅଭିଯୋଗ କରିଛନ୍ତି । ବୁଧବାର ସିନ୍ଦେ ସେନା ପକ୍ଷରୁ ସୋନିଆ ଗାନ୍ଧିଙ୍କ ଆତ୍ମଜୀବନରେ ଉଲ୍ଲେଖ ଥିବା କିଛି ବିଷୟବସ୍ତୁ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବହିରେ ସାବରକରଙ୍କୁ ଅପମାନିତ କରାଯାଇଛି ଓ ଇତିହାସକୁ ଭୁଲ ଭାବେ ଦର୍ଶାଯାଇଥିବା ସିନ୍ଦେ ସେନା ଅଭିଯୋଗ କରିଛି । ଶିବସେନାର ଶାଇନା ଏନସି, ସଞ୍ଜୟ ନିରୁପମ ଓ ଆନ ଦୁବେ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ କରି ସୋନିଆଙ୍କ ଉପରେ ବର୍ଷିଛନ୍ତି । ସେମାନେ ବହିରେ ଥିବା ପୃଷ୍ଠା ଚିରିଦା ସହ ଏହାର ପବ୍ଲିସର ହାରପରକୋଲିନ୍‌ରୁ ପୃଷ୍ଠା ୨୦୧ ଓ ୪୪୩ ହଟାଇବାକୁ କହିଛନ୍ତି । ତେବେ ଶିବସେନାର ନେତାମାନେ ବହିର ପୃଷ୍ଠା ଚିରୁ ଥିବା ବେଳେ ଶାଇନା ଏନସି ପାଖରେ ଥିବା ବାଲ ଠାକରେଙ୍କ ଗୋଟିଏ ପୋଷ୍ଟର ଉଠାଇଥିଲେ । ଏଥିରେ ଠାକରେ କଂଗ୍ରେସ ଭେଟରାନ ମଣି ଶଙ୍କର ଆୟରଙ୍କ କୁଖ୍ୟତଜନକ ମନ୍ତବ୍ୟକୁ ଚପଲରେ ପିଟୁଥିବା ଦୃଶ୍ୟ ରହିଥିଲା । ଏହି ଫଟୋକୁ ସେ ଗୁଳରେ ଚିରି ଦେଇଥିଲେ । ଏଭଳି ସଞ୍ଜୟ ନିରୁପମଙ୍କ ଆଖିରେ ପଡ଼ିଯିବାରୁ ସେ ତୁରନ୍ତ ଶାଇନାଙ୍କୁ ଇଙ୍ଗିତ କରିଥିଲେ । ଶାଇନା ତରବରିଆ ଭାବେ ଉକ୍ତ ଚିରା ଫଟୋକୁ କୁଡାଉଥିବା ଦେଖାଯାଉଛି । ସେ ସ୍ମିତ ହାସ୍ୟ ଦେଇ ମଣିଶଙ୍କର ଆୟରଙ୍କ ଫଟୋ ଚିରିଛି । ବାଲ ଠାକରେଙ୍କ ଫଟୋ ଚିରି ନାହିଁ ବୋଲି ସଫେଇ ଦେଇଛନ୍ତି । ଏହି ଫଟୋକୁ ଶାଇନା ଏନସି ସାମ୍ବାଦିକ ସମ୍ମିଳନୀକୁ ନିଜେ ଆଣିଥିଲେ । ଉଦ୍ଧବ ଠାକରେ କଂଗ୍ରେସ ସହ ମେଂଟ କରିଥିବାରୁ ସେ ଏହାକୁ ଦେଖାଇବାକୁ ଚାହିଁଥିଲେ । ହେଲେ ଏହା ତାଙ୍କ ପାଇଁ ଏବେ ବୁମେରାଙ୍ଗ ସାବ୍ୟସ୍ତ ହୋଇଛି । ଏହି ଘଟଣାକୁ ନେଇ ସିନ୍ଦେ ସେନାକୁ ଟାର୍ଗେଟ କରିଛନ୍ତି ଉଦ୍ଧବ ସେନାର ସାଂସଦ ସଞ୍ଜୟ ରାଉତ । ସେ ସିନ୍ଦେ ସେନାକୁ ନକଲି ସୈନିକ ଓ ସେର୍ଫମାନେ ବାଲା ସାହେବଙ୍କୁ ଅପମାନିତ କରିଛନ୍ତି ସେମାନଙ୍କୁ ଲୋକମାନେ ଚାବୁକରେ ମାରିବା ଦରକାର ବୋଲି କହିଛନ୍ତି । ବିଏମସିରେ ମଧ୍ୟ ଏହି ଘଟଣାକୁ ନେଇ ହୋହାଲ୍ଲା ଦେଖିବାକୁ ମିଳିଛି । ଉଦ୍ଧବ ସେନାର କର୍ପୋରେଟରମାନେ ଶାଇନା ଏନସିଙ୍କ ବିରୋଧରେ ନାରାବାଜୀ କରିଛନ୍ତି ଓ ତାଙ୍କୁ ଦଳରୁ ବହିଷ୍କାର କରିବାକୁ ଦାବିକରିଛନ୍ତି । ବିବାଦ ବଢୁଚାଲୁ ଏକନାଥ ସିନ୍ଦେ ତତ୍କାଳ ଶାଇନା ଏନସିଙ୍କୁ ସମନ କରିଥିବେ । ସେ ବିଧାନସଭା ଯାଇ ଏକନାଥଙ୍କୁ ଭେଟିଛନ୍ତି ।

୧୮୧ ଆସନ ମାଗିଲା କଂଗ୍ରେସ, ୩୬ରୁ ଅଧିକ ଦେବାକୁ ଅନିଚ୍ଛୁକ ସମାଜବାଦୀ ପାର୍ଟି



ଲଖ୍ନୌ, ୧୮/୧୧(ନ୍ୟୁ.ଏ): ଉତରପ୍ରଦେଶରେ ୨୦୨୭ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଆସନ ରାଜନଂଟାକୁ ନେଇ ସମାଜବାଦୀ ପାର୍ଟି (ସପା) ଓ କଂଗ୍ରେସ ମଧ୍ୟରେ ଟଣାଟଣା ଆରମ୍ଭ ହୋଇଛି । ରାଜ୍ୟର ୪୦୩ଟି ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ ୧୮୧ଟି ଆସନରେ ନିର୍ବାଚନ ଲଢ଼ିବାକୁ ଦାବି କରିଛି । କିନ୍ତୁ ସପା ୩୬ଟି ଆସନରୁ ଅଧିକ ଛାଡ଼ିବାକୁ ରାଜି ନୁହେଁ । ସପା ମୁଖ୍ୟ ଅଖିଳେଶ ଯାଦବ ନଭେମ୍ବର ୧୪ରେ ନୂଆଦିଲ୍ଲୀରେ ଆୟୋଜିତ ସିନ୍ଦୁସ୍ଥାନ ଟାଇମ୍ସ କିଉରସିପ୍ ସମିଟ୍‌ରେ ଯୋଗଦେଇ କଂଗ୍ରେସର ଆସନ ଦାବି ସମ୍ପର୍କରେ ଖୁଲାସା କରିଥିଲେ । କଂଗ୍ରେସ ୧୮୦ରୁ ଅଧିକ ଆସନ ମାଗିଛି ବି ବୋଲି ପ୍ରଶ୍ନରେ ସେ କହିଥିଲେ, ୧୮୦ରେ ଆଉ ଗୋଟିଏ ଯୋଡ଼ିଦିଅନୁ । ଅର୍ଥାତ୍ କଂଗ୍ରେସ ୧୮୧ଟି ଆସନ ମାଗିଛି । ସପାର ଆଇନ୍ମୁଖ୍ୟ ପଛରେ ୨୦୨୨ ବିଧାନସଭା ନିର୍ବାଚନର ଫଳାଫଳ ରହିଛି । ସେହି ନିର୍ବାଚନରେ କଂଗ୍ରେସ ମାତ୍ର ୨ଟି ଆସନରେ ଜିତିଥିବା ବେଳେ ତା'ର ଭୋଟ୍ ଅଂଶ ଥିଲା ୨.୩୯ ପ୍ରତିଶତ । ଅନ୍ୟପକ୍ଷରେ ସପା ୧୧୧ଟି ଆସନ ଜିତିବା ସହ ୩୨.୭୬ ପ୍ରତିଶତ ଭୋଟ୍ ପାଇଥିଲା । କଂଗ୍ରେସକୁ ୩୩୩ଟି ଆସନରେ ୫ ହଜାରରୁ କମ୍ ଭୋଟ୍ ମିଳିଥିଲା । ମାତ୍ର ୪୬ଟି ଆସନରେ ଦଳ ୨୦ ହଜାରରୁ ଅଧିକ ଭୋଟ୍ ପାଇଥିଲା । ସପାର ମୁଖ୍ତି ହେଉଛି, ଏହି ପ୍ରଦର୍ଶନ ଆଧାରରେ କଂଗ୍ରେସର ଦାବି ୩୬ଟି ଆସନ ମଧ୍ୟରେ ସୀମିତ ରହିବା ଉଚିତ । ସପାର ପ୍ରସ୍ତାବ ଅନୁଯାୟୀ, ପ୍ରଥମେ ୨୪ଟି ଆସନକୁ ନେଇ ଆଲୋଚନା ହୋଇପାରେ । ଏଥିପରେ ଆବଶ୍ୟକତା ଓ ନିର୍ବାଚନୀ ସମୀକରଣକୁ ବିଚାର କରି ଆଉ ୫୪ଟି ଆସନର ଦ୍ୱିତୀୟ ତାଲିକା ଉପରେ ଆଲୋଚନା କରାଯାଇପାରେ ବୋଲି ଅନ୍ୟ ଗିରୋଡ଼ୀଟର ସୂଚନା ମିଳିଛି । କଂଗ୍ରେସ ୩୩୩ଟି ଆସନରେ ୫ ହଜାରରୁ କମ୍ ଭୋଟ୍ ମିଳିଥିଲା । ମାତ୍ର ୪୬ଟି ଆସନରେ ଦଳ ୨୦ ହଜାରରୁ ଅଧିକ ଭୋଟ୍ ପାଇଥିଲା । ସପାର ମୁଖ୍ତି ହେଉଛି, ଏହି ପ୍ରଦର୍ଶନ ଆଧାରରେ କଂଗ୍ରେସର ଦାବି ୩୬ଟି ଆସନ ମଧ୍ୟରେ ସୀମିତ ରହିବା ଉଚିତ । ସପାର ପ୍ରସ୍ତାବ ଅନୁଯାୟୀ, ପ୍ରଥମେ ୨୪ଟି ଆସନକୁ ନେଇ ଆଲୋଚନା ହୋଇପାରେ । ଏଥିପରେ ଆବଶ୍ୟକତା ଓ ନିର୍ବାଚନୀ ସମୀକରଣକୁ ବିଚାର କରି ଆଉ ୫୪ଟି ଆସନର ଦ୍ୱିତୀୟ ତାଲିକା ଉପରେ ଆଲୋଚନା କରାଯାଇପାରେ ବୋଲି ଅନ୍ୟ ଗିରୋଡ଼ୀଟର ସୂଚନା ମିଳିଛି । କଂଗ୍ରେସ ଅନ୍ୟପକ୍ଷରେ ୨୦୨୪ ଲୋକସଭା ନିର୍ବାଚନରେ ମେଂଟର ସଫଳତାକୁ ଆଧାର କରି ଅଧିକ ଆସନ ମାଗୁଛି । ସେହି ନିର୍ବାଚନରେ ଉତରପ୍ରଦେଶର ୮୦ଟି ଲୋକସଭା ଆସନ ମଧ୍ୟରୁ ସପା ୩୭ଟି ଓ କଂଗ୍ରେସ ୬ଟି ଆସନ ଜିତିଥିଲା । ରାଜ୍ୟରେ ନିଜର ସଂଗଠନକୁ ପୁନର୍ଗଠନ କରିବା ପାଇଁ କଂଗ୍ରେସ ଅଧିକ ଆସନରେ ଲଢ଼ିବାକୁ ଚାହୁଁଛି । ଏହି ଆଲୋଚନା ପାଇଁ ନଭେମ୍ବର ୧୭ରେ ନୂଆଦିଲ୍ଲୀରେ ବୁଲ ଦଳର ବୈଠକ ହେବାର ଯୋଜନା ଥିଲା । କିନ୍ତୁ ବୈଠକ ହୋଇପାରି ନଥିଲା । ତେଣୁ ଉଭୟ ଦଳ ମଧ୍ୟରେ ଆନୁଷାନିକ ଆଲୋଚନା ଓ ଆସନ ବଂଟନର ତୃତୀୟ ଗୁପରେଖ ଏବେ ଅନିଶ୍ଚିତତା ମଧ୍ୟରେ ରହିଛି ।

ଦେଶଭକ୍ତଙ୍କୁ ଆତଙ୍କବାଦୀ ସଜାଇବାକୁ ଖର୍ଚ୍ଚ ହେଲା ୧ କୋଟି ! : ସୋନ ୱାଙ୍ଗଚୁକ୍



ଲେହ, ୧୮/୧୧(ନ୍ୟୁ.ଏ): ଜଣେ ଦେଶପ୍ରେମୀ ନାଗରିକଙ୍କୁ ଜେଲ୍‌ରେ ରଖିବା ଓ ଗୁପ୍ତଚରୀ କରିବା ପାଇଁ ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା । ଅନ୍ୟପଟେ ସାମାଜ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଅର୍ଥ ମିଳୁନାହିଁ । ଏଭଳି ଅଭିଯୋଗ ଆଣି ସରକାରକୁ ଘେରିଛନ୍ତି ଲଦାଖର ପରିବେଶବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ । ବୁଧବାର ଏକ ଭିଡିଓ ବାର୍ତ୍ତା ଜାରି କରି ୱାଙ୍ଗଚୁକ୍ କହିଛନ୍ତି, ତାଙ୍କୁ ଛଅ ମାସ ଯୋଧପୁର ଜେଲ୍‌ରେ ରଖିବା ପାଇଁ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏବେ ତା